# ଅସନ୍ତୁଷ୍ଟ ଯୁବଛାତ୍ରଙ୍କୁ ମନାଇବା ଚେଷ୍ଟାରେ ପର୍ଯ୍ୟବେକ୍ଷକ


ବୈଠକରେ ଉପସ୍ଥିତ ପର୍ଯ୍ୟବେକ୍ଷକ ପ୍ରିୟଦର୍ଶୀ ମିଶ୍ର ଓ ଯୁବଛାତ୍ର ନେତୃବୃନ୍ଦ।

## କର୍ମୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ

**ବାରିପଦା ଅଫିସ,୨୧।୪**

ମୟୂରଭଞ୍ଜ ଜିଲା ବାରିପଦା ନିର୍ବାଚନ ମଣ୍ଡଳୀରେ ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ବାଦ ଦେଇ ବିଜେଡି ଏଥର ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କୁ ଟିକେଟ ଦେଇଛି। ଏହାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଦଳର ନିଷ୍ପତ୍ତିକୁ ସାନନ୍ଦଙ୍କ ସମର୍ଥକ ତଥା ଯୁବଛାତ୍ର ସଂଗଠନ କର୍ମକର୍ତ୍ତା ଖୋଲାଖୋଲି ଭାବେ ବିରୋଧ କରି ପ୍ରାର୍ଥୀ ଚୟନ ଠିକ୍ ହୋଇ ନ ଥିବା ଦର୍ଶାଇ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ଦାୟୀ କରିଥିଲେ। ପରିସ୍ଥିତିକୁ ଶାନ୍ତ କରିବା ପାଇଁ ସାନନ୍ଦଙ୍କ ସହିତ ଭଲ ସମ୍ପର୍କ ଥିବା ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇ ବାରିପଦା ପଠାଯାଇଛି। ବିଧାୟକ ମିଶ୍ର ଏଠାକୁ ଆସିବା ପରେ ଦଳର ମହିଳା, ଯୁବ ଛାତ୍ର ଓ କର୍ମୀମାନଙ୍କୁ ନେଇ ଘନ ଘନ ବୈଠକ କରୁଛନ୍ତି। ସାନନ୍ଦ ଓ ସରୋଜିନୀଙ୍କ ସହିତ ମଧ୍ୟ ରୁଦ୍ଧଦ୍ୱାର ବୈଠକ କରାଯାଇ ଉଭୟ ଗୋଷ୍ଠୀଙ୍କୁ ମିଶାଇବାକୁ ଚେଷ୍ଟା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବାରିପଦାସ୍ଥିତ ବିଜୁ ଭବନ ତଥା ଜିଲା କାର୍ଯ୍ୟାଳୟରେ ବିଧାୟକ ମିଶ୍ର ଦଳର ଯୁବ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଯୁବଛାତ୍ରମାନଙ୍କୁ ନେତା ଓ ପ୍ରାର୍ଥୀ ଅଣଦେଖା କରି କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଥିଲେ। ନାମାଙ୍କନ ପତ୍ର ଦାଖଲ ଦିନ ନିର୍ବାଚନ ମଣ୍ଡଳୀର କର୍ମୀଙ୍କ ସହିତ ପ୍ରାର୍ଥୀ ସରୋଜିନୀଙ୍କ ଉପସ୍ଥିତିରେ ସାନନ୍ଦ ଏକ ବୈଠକ କରିଥିଲେ ମଧ୍ୟ ସକ୍ରିୟ ଭାବେ ତାଙ୍କ ସମର୍ଥକ ଦଳର ପ୍ରଚାରରେ ସାମିଲ ହୋଇ ନ ଥିବା ଚର୍ଚ୍ଚା ହେଉଛି। ସାନନ୍ଦଙ୍କ ସଂଗଠନକୁ ସାଙ୍ଗରେ ନ ନେଇ ନିର୍ବାଚନ ଲଢ଼ିବା ସକାଶେ ଦଳ ପକ୍ଷରୁ ଉଦ୍ୟମ ହେବା ସତ୍ତ୍ୱେ ଏହା ସଫଳ ହୋଇ ନ ଥିବାରୁ ଏହା ଦଳୀୟ ନେତାଙ୍କୁ ଚିନ୍ତାରେ ପକାଇଛି। ୨୦୦୯ ଓ ୨୦୧୪ରେ ସାନନ୍ଦ ନିର୍ବାଚନ ଜିତି ବିଧାୟକ ହୋଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଯୁବଛାତ୍ର ସଂଗଠନ ସକ୍ରିୟ ରହି କାର୍ଯ୍ୟ କରିଥିଲା। ଏଥର ପ୍ରାର୍ଥୀ ପରିବର୍ତ୍ତନ କରାଯିବାରୁ ଯୁବଛାତ୍ର କର୍ମୀ ଏହାକୁ ସହଜରେ ଗ୍ରହଣ ନ କରି ଚୁପ ହୋଇ ବସିରହିଛନ୍ତି। ଆଲୋଚନା ବୈଠକରେ ପର୍ଯ୍ୟବେକ୍ଷକ ସେମାନଙ୍କୁ ବୁଝାଶୁଝା କରିଥିବାରୁ ନିର୍ବାଚନ ପ୍ରଚାର ଶେଷ ପର୍ଯ୍ୟାୟ ଉପରେ ସମସ୍ତଙ୍କ ନଜର ରହିଛି। ଶନିବାର ଅନୁଷ୍ଠିତ ବୈଠକରେ ସାନନ୍ଦଙ୍କ ପ୍ରମୁଖ ସମର୍ଥକ ତଥା ଯୁବ ବିଜେଡିର ଉତ୍ତର ଓଡିଶା ଜୋନ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲା ଛାତ୍ର ସଭାପତି ଅଭୟ ସିଂ, ଗଣମାଧ୍ୟମ ସଂଯୋଜକ କପିଲ ଖଣ୍ଡେଲୱାଲ, ସମ୍ବିତ କୁମାର ବଶା, ନାନୁ ମହାକୁଡ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିରଞ୍ଚି ମହାପାତ୍ରଙ୍କ ସମେତ ଅନ୍ୟ ଯୁବଛାତ୍ର କର୍ମୀ ଉପସ୍ଥିତ ଥିଲେ।


ରେମୁଣା ଭାଜପାର ମିଶ୍ରଣ ପର୍ବ।

# ଭାଜପାରେ ମିଶିଲେ ପୂର୍ବତନ ସମିତିସଭ୍ୟ, ଶତାଧିକ କର୍ମୀ

**ରେମୁଣା, ୨୧।୪(ଡି.ଏନ.ଏ.)**

ରେମୁଣାରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସଦର ବ୍ଲକ ହିଡ଼ିଙ୍ଗା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉମାକାନ୍ତ ପ୍ରଧାନ ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଆଳଦିଆ ଛକରେ ଆୟୋଜିତ ମିଶ୍ରଣ ପର୍ବରେ ଉମାକାନ୍ତଙ୍କୁ ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ। ସେହିପରି ସନ୍ଧ୍ୟାରେ ବାଲିଆ କାର୍ଯ୍ୟାଳୟରେ ୧ ହଜାରରୁ ଊର୍ଦ୍ଧ୍ୱ ଯୁବକ ବିଭିନ୍ନ ପଞ୍ଚାୟତରୁ ଆସି ଭାଜପାରେ ମିଶିଛନ୍ତି। ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବରିଷ୍ଠ ନେତା ବିପିନ ବିହାରୀ ଦାସ, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହା, ବିଧାୟକ ପ୍ରତିନିଧି ଶୋଭନା ମହାନ୍ତି, ହିଡ଼ିଙ୍ଗା ସରପଞ୍ଚ ବାସନ୍ତି ଗିରି ଓ ନାରାୟଣ ବେହେରା ପ୍ରମୁଖ ନବାଗତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଘର ଘର ବୁଲି ପ୍ରଚାର

**ତିହିଡ଼ି, ୨୧।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତରେ ବାସୁଦେବପୁର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ପାଇଁ ତାଙ୍କ ସ୍ତ୍ରୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ପ୍ରଚାର କରିଛନ୍ତି। ସେ ତାଙ୍କ ଶାଶୁଘର ପଞ୍ଚାୟତରେ ଘର ଘର ବୁଲି ଭୋଟରଙ୍କୁ ଭେଟିଥିଲେ। ତାଙ୍କ ଶ୍ୱଶୁର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହି ତାଙ୍କ ସ୍ୱାମୀଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ବିଷ୍ଣୁବ୍ରତ ବିଜୟୀ ହେଲେ ମୁକୁନ୍ଦପୁର ପଞ୍ଚାୟତ ସମେତ ତିହିଡ଼ି ବ୍ଲକର ବିକାଶ ଘଟିବ ବୋଲି ସେ କହିଥିଲେ। ରତ୍ନପର୍ଣ୍ଣା ସ୍ରୋତସ୍ୱିନୀଙ୍କ ସହ ସରପଞ୍ଚ କୀର୍ତ୍ତନ ରାଉତ, ପୂର୍ବତନ ସରପଞ୍ଚ ଜୟଶ୍ରୀ ନାୟକ, ପୂର୍ବତନ ସମିତିସଭ୍ୟା ଇପ୍‌ସିତା ନାୟକ, ମହିଳା ମହାସଂଘ ସମ୍ପାଦିକା ମଧୁସ୍ମିତା ରାଉତ, ପଞ୍ଚାୟତ ବିଜେଡି ସଭାପତି ଗଣେଶ ନାୟକ, ଅନ୍ନପୂର୍ଣ୍ଣା ନାୟକ, ଅଜୟ ବେହେରା, ମୀନକେତନ ନାଥ ଓ ସନ୍ତୋଷ ବାରିକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।


ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତଙ୍କ ସ୍ତ୍ରୀ(ବାମରୁ ୪ର୍ଥ)।

# ସାଧୁସନ୍ଥଙ୍କ ଆଶୀର୍ବାଦ ନେଲେ ପ୍ରତାପ

**ବାଲେଶ୍ୱର ଅଫିସ,୨୧।୪:** ବାଲେଶ୍ୱର ସଂସଦୀୟ କ୍ଷେତ୍ର ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରାଷ୍ଟ୍ରୀୟ ସୁରକ୍ଷା ଯଜ୍ଞ ସମିତିର ସାଧୁସନ୍ଥମାନଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି। ଶନିବାର ମାହେଶ୍ୱରୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ବହୁ ସାଧୁସନ୍ଥ ଏଥିରେ ଉପସ୍ଥିତ ରହି ପ୍ରାର୍ଥୀ ଷଡ଼ଙ୍ଗୀଙ୍କୁ ଆଶୀର୍ବାଦ ଦେଇଛନ୍ତି।

ଏହି ଅବସରରେ ସ୍ୱାମୀ ମାଧବାନନ୍ଦ, ସ୍ୱାମୀ ସ୍ମୃତିସାଗର ପ୍ରମୁଖ କହିଥିଲେ କି, ଯେଉଁ ବ୍ୟକ୍ତି ଦେଶର ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିପାରିବେ ସେହି ବ୍ୟକ୍ତି ସରକାର ଗଠନ କରିବା ଆବଶ୍ୟକ। ସାଧୁସନ୍ଥମାନଙ୍କର ମଠ, ମନ୍ଦିର ଓ ଆଶ୍ରୟସ୍ଥଳଗୁଡ଼ିକୁ ଯେଉଁମାନେ ଭାଙ୍ଗି ଦେଉଛନ୍ତି ଏବଂ କଶ୍ମୀରରେ ତ୍ରିରଙ୍ଗା ପତାକା ଯେଉଁମାନେ ପୋଡୁଛନ୍ତି ସେମାନେ ବିଧର୍ମୀ ଅଟନ୍ତି। ନିକଟ ଅତୀତରେ ଆଲ୍ଲାହାବାଦରେ ଆୟୋଜିତ କୁମ୍ଭମେଳାରେ ସାଧୁସନ୍ଥମାନେ ରାଷ୍ଟ୍ରୀୟ ହିତ ପାଇଁ ଯଜ୍ଞ ଆୟୋଜନ କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ହେବା ଯୋଗୁ ତାଙ୍କୁ ମଧ୍ୟ ଆଶୀର୍ବାଦ କରାଯାଇଥିଲା।


ସାଧୁସନ୍ଥଙ୍କ ଆଶୀର୍ବାଦ ନେଉଛନ୍ତି ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ।


ମିଶ୍ରଣ ପର୍ବରେ ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

# ଭାଜପାରେ ସାମିଲ ହେଲେ ଜିଲାପରିଷଦ ସଦସ୍ୟ ଓ ସମର୍ଥକ

**ବସ୍ତା, ୨୧।୪(ସ୍ୱ.ପ୍ର)**

ବାଲେଶ୍ୱର ଜିଲାର ୧୭ନଂ. ଜିଲାପରିଷଦ ସଦସ୍ୟ ନବକୃଷ୍ଣ ଦାସ ତାଙ୍କ ସମର୍ଥକମାନଙ୍କୁ ନେଇ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ନବକୃଷ୍ଣ ଦାସ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିରୁ ଜିଲା ପରିଷଦ ଭାବେ ବିଜୟ ଲାଭ କରିଥିବା ବେଳେ ସେ ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରି ତାଙ୍କୁ ବିଜେଡି ଜିଲା ସଭାପତି ରବୀନ୍ଦ୍ର ଜେନା ଗତ ମଙ୍ଗଳବାର ଦଳରୁ ବହିଷ୍କାର କରିଥିଲେ। ବହିଷ୍କାର ପରେ ନବକୃଷ୍ଣ ଅନ୍ୟ କେଉଁ ଦଳରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ସେ ରବିବାର ତାଙ୍କ ସମର୍ଥକମାନଙ୍କୁ ନେଇ ଭାଜପାରେ ମିଶିଛନ୍ତି। ଏ ନେଇ ଏକ ମିଶ୍ରଣ ପର୍ବ ସିଂଲାସ୍ଥିତ ନହଁଜରା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଭାଜପାର ରାଜ୍ୟ ପ୍ରଭାରୀ ଅରୁଣ ସିଂ, ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ, ଜଳେଶ୍ୱର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମହାନ୍ତି ଯୋଗ ଦେଇଥିଲେ। ପ୍ରଥମେ ପ୍ରତାପ ଷଡ଼ଙ୍ଗୀ ନବକୃଷ୍ଣଙ୍କୁ ଭାଜପା ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ପରେ ନାବରା ପଞ୍ଚାୟତର ବର୍ତ୍ତମାନର ନାଏବ ସରପଞ୍ଚ ଝାଡ଼େଶ୍ୱର ଗାଣ, ପୂର୍ବତନ ନାଏବ ସରପଞ୍ଚ ଅମୂଲ୍ୟ ପ୍ରଧାନଙ୍କ ସମେତ ନାବରା ପଞ୍ଚାୟତର ୯ଜଣ ବର୍ତ୍ତମାନର ୱାର୍ଡ଼ମେମ୍ବର ଭାଜପାରେ ମିଶିବା ସହିତ ବିଭିନ୍ନ ପଞ୍ଚାୟତ ଯଥା ସିଂଲା, କରୁଆ, ପାଉଁଶକୁଲି, ପୁଟୁରା, ତାଡ଼ଦା ଆଦି ପଞ୍ଚାୟତର ୭୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ।

# କଂଗ୍ରେସ ପ୍ରାର୍ଥୀ ଅଶୋକଙ୍କ ରୋଡ୍ ଶୋ

**ବାସୁଦେବପୁର, ୨୧।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ ରବିବାର ଅପରାହ୍ନରେ ରୋଡ୍‌ଶୋ କରିଛନ୍ତି। ପ୍ରଥମେ ତାଙ୍କୁ ଚୂଡାମଣି ବଜାରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସେ ଚୂଡ଼ାମଣି ବଜାରସ୍ଥିତ ଲବଣ ସ୍ମାରକୀ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ରୋଡ୍ ଶୋ ଆରମ୍ଭ କରିଥିଲେ। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଅଶୋକଙ୍କୁ ଏକ ଖୋଲାଗାଡ଼ିରେ ରୋଡ୍‌ଶୋରେ ଚୂଡାମଣି ପଞ୍ଚାୟତଠାରୁ ନିଆଯାଇ ଅଛୁଁଆ, ଇରମ, ନୂଆଗାଁ, କୁମାରପୁର, ପଦ୍ମୁଁଆ, ଜଗନ୍ନାଥପୁର ଆଦି ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ସରପଞ୍ଚ ମଞ୍ଜୁଲତା ପଣ୍ଡା, ରୀନା ସ୍ୱାଇଁ, ଜୋନ୍ ସଭାପତି ନିରଞ୍ଜନ ସ୍ୱାଇଁ, ନିଶିକାନ୍ତ ନାୟକ, ଶରତ ମଳିକ, ଉମାକାନ୍ତ ପାଢୀ, ନଗର କଂଗ୍ରେସ ସଭାପତି ଭକ୍ତଚରଣ ପଟ୍ଟନାୟକ, ସରପଞ୍ଚ ରଘୁନାଥ ମଲ୍ଲିକଙ୍କ ସମେତ ନଦୀଘେରଦ ଅଞ୍ଚଳର କଂଗ୍ରେସ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ।


କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସଙ୍କୁ ସ୍ୱାଗତ କରାଯାଉଛି।

# ରୋଡ ଶୋ'ରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ


ରୋଡ଼ ଶୋ'ରେ ସାମିଲ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

**ରୂପ୍‌ସା,୨୧।୪(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ଆଙ୍କୋ ଓ ରୂପ୍‌ସା ପଞ୍ଚାୟତରେ ବିଜେଡି ପକ୍ଷରୁ ରବିବାର ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଛି। ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ବାଇକ୍‌ରେ ବିଭିନ୍ନ ଗ୍ରାମ ପରିକ୍ରମା କରିଛନ୍ତି। ଏହି ରୋଡ଼ ଶୋ'ରେ ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ଯୋଗଦେଇ ସାଧାରଣ ନିର୍ବାଚନ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି।

ରୂପ୍‌ସା ବସ୍‌ଷ୍ଟାଣ୍ଡଠାରୁ ଏହି ଶୋଭାଯାତ୍ରା ବାହାରି କସିପଦା, ପୋଡ଼ାଡ଼ିହା, ଆଙ୍କୋ, ଷ୍ଟେଶନବଜାର, ପାଟପୁର ବଜାର ଦେଇ ପିଙ୍ଗୁାବଣିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଜିଲା ପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ସରପଞ୍ଚ ସଞ୍ଜୟ କୁମାର ସେଠୀ, ବିନୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଦର ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହେଉଥିବାରୁ ସମସ୍ତ ଦଳ ମଧ୍ୟରେ ବିଭିନ୍ନ ରଣକୌଶଳ ଅବଲମ୍ବନ କରାଯାଉଥିବା ଦେଖିବାକୁ ମିଳିଛି।


କାଁପଡ଼ାରେ ଭୋଟରଙ୍କୁ ଭେଟୁଛନ୍ତି ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ପରିବାର।

# ପ୍ରଚାର କଲେ ବିଧାୟକ ପ୍ରାର୍ଥୀଙ୍କ ପରିବାର

ତିହିଡ଼ି, ୨୧।୪ (ଡି.ଏନ୍.ଏ.) – ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସଙ୍କ ପରିବାର ସଦସ୍ୟ ରବିବାର ଘର ଘର ବୁଲି ଭୋଟରଙ୍କୁ ଭେଟିଛନ୍ତି। ରାଜେନ୍ଦ୍ରଙ୍କ ଘର କାଁପଡ଼ାରେ ହୋଇଥିବାରୁ ତାଙ୍କ ପରିବାର ସଦସ୍ୟମାନେ ପଞ୍ଚାୟତରେ ବୁଲି ଲୋକଙ୍କୁ ବୁଝାଇଥିଲେ। ରାଜେନ୍ଦ୍ରଙ୍କ ବଡ଼ଭାଇ ମନିନ୍ଦ୍ର ଦାସ, ଭଉଣୀ ମାଧୁରୀ ମଲିକ, ଝିଅ ଶୁଭପ୍ରଜ୍ଞା ଦାସ, ଭାଉଜ ପ୍ରମିଳା ଦାସ ଓ ରଜନୀ ଦାସ, ଝିଆରୀ ମୋନାଲିଶା ଦାସ, ପୁତୁରା ମଳୟ ଦାସଙ୍କ ସହିତ ମହିଳା ଗୋଷ୍ଠୀର ନେତ୍ରୀ ସସ୍ମିତା ମଲିକ, ମମତା ମଲିକ, ବାସନ୍ତୀ ମଲିକ ପ୍ରମୁଖ ପ୍ରଚାର କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭାଜପା ଚଳଚଞ୍ଚଳ

**ବାଲେଶ୍ୱର ଅଫିସ, ୨୧।୪**



ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରଭାରୀ ଅରୁଣ ସିଂ ଓ ଅନ୍ୟମାନେ।

ବାଲେଶ୍ୱର ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ଲୋକ ସଭା ଆସନ ଏବଂ ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଆସନ୍ତା ୨୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲା ଗସ୍ତରେ ଆସୁଛନ୍ତି। ସେ ବସ୍ତା ବ୍ଲକର ବାହାର୍ଦ୍ଦା କୃଷି ପଡ଼ିଆରେ ଆୟୋଜିତ ଜନସଭାରେ ଯୋଗଦେବେ ବୋଲି ରବିବାର ନୂଆସାହିସ୍ଥିତ ଡ୍ରଗିଷ୍ଟ ଆସୋସିଏଶନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, କେନ୍ଦ୍ରର ଯୋଜନାକୁ ସାରା ଦେଶରେ ଲାଗୁ କରାଯାଇଥିବା ବେଳେ କେବଳ ଓଡ଼ିଶା ସରକାର ଏହାକୁ ଲାଗୁ କରୁନାହାନ୍ତି। ୧୯ ବର୍ଷ ଶାସନ ପରେ ମଧ୍ୟ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ। ଭାଜପାର ଲୋକପ୍ରିୟତା ଦେଖି ବିଜେଡି ଭୟଭୀତ ହୋଇଯାଇଛି। ପ୍ରମାଦ ଗଣିବା ଆରମ୍ଭ କରିଛି କଂଗ୍ରେସ। ଚାଷୀ, ଯୁବପିଢି, ଶିଶୁଙ୍କର ଭବିଷ୍ୟତ, ମହିଳାଙ୍କର ସୁରକ୍ଷା, ଦେଶ ସୀମା ସୁରକ୍ଷା ପାଇଁ ଓଡିଶାବାସୀ ନିଶ୍ଚିତ ଭାବେ ଡବଲ ଇଞ୍ଜିନ ସରକାରଙ୍କୁ ସ୍ୱତଃ ସମର୍ଥନ ଦେବେ। ବାଲେଶ୍ୱର ପ୍ରତି ମୋଦିଙ୍କ ସ୍ନେହ ପୂର୍ଣ୍ଣମାତ୍ରାରେ ରହିଛି। ପୂରା ଶକ୍ତି ସହିତ ଭାଜପା ଲଢ଼ିବ ଏବଂ ଓଡ଼ିଶାରେ ସରକାର ଗଢ଼ିବ, ଓଡ଼ିଶା ନରେନ୍ଦ୍ର ମୋଦିଙ୍କ ସହ ରହିଛି ବୋଲି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ, ଲୋକ ସଭା ସହ ପ୍ରଭାରୀ ଅଜୟ ମିଶ୍ର, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର ଓ ଲୋକ ସଭା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୧୯ ନିର୍ବାଚନ ଲାଗି ୧୯ ପ୍ରତିଶ୍ରୁତି

**ଭଦ୍ରକ ଅଫିସ, ୨୧।୪:** ଭଦ୍ରକ କଂଗ୍ରେସ ପକ୍ଷରୁ ବିଧାନସଭା ଆସନ ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ଓ ଲୋକ ସଭା ପ୍ରାର୍ଥୀ ମଧୁମିତା ସେଠୀଙ୍କୁ ନେଇ ରବିବାର ବିଭିନ୍ନ ଅଞ୍ଚଳରେ ରୋଡ୍‌ଶୋ ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଯୁବନେତା ନଳିନୀଙ୍କୁ ନେଇ ୫ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଭୋଟଭିକ୍ଷା କରିଥିଲେ। ଭଦ୍ରକରେ କଂଗ୍ରେସ କ୍ଷମତାକୁ ଆସିଲେ ଅଞ୍ଚଳବାସୀ ବିକାଶ କ'ଣ ଜାଣିବେ ବୋଲି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ନଳିନୀ ବକ୍ତବ୍ୟ ରଖିଥିଲେ। ୨୦୧୯ ନିର୍ବାଚନ ପାଇଁ ୧୯ଟି ପ୍ରତିଶ୍ରୁତି ଦେଇଛନ୍ତି ନଳିନୀ। ୨୦୨୪ ସୁଦ୍ଧା ସମସ୍ତ ଭୂମିହୀନଙ୍କୁ ଭୂମି ଓ ବାସହୀନଙ୍କୁ ବାସଗୃହ, କୃଷିଋଣ ଛାଡ଼, ବାର୍ଦ୍ଧକ୍ୟ ଭତ୍ତା ମାସକୁ ୧୫୦୦ ଟଙ୍କା, ବିଧବା ଭତ୍ତା ୨ ହଜାର ଟଙ୍କା, ଭଦ୍ରକରେ ଶିଳ୍ପ ପ୍ରତିଷ୍ଠା ଭଳି ୧୯ଟି ପ୍ରତିଶ୍ରୁତି ସେ ଦେଇଛନ୍ତି। ଭଦ୍ରକ ବ୍ଲକର ସାହାଡ଼ା, ଗୋରାମାଟି, ସାବରଙ୍ଗ, ଏରଡା, ରାହାଞ୍ଜା, ଚଣ୍ଡିଗାଁ, କୋଡବରୁଆ ପଞ୍ଚାୟତ ଅଞ୍ଚଳରେ ନଳିନୀଙ୍କ ରୋଡ୍‌ଶୋ ହୋଇଥିଲା। ସେହିଭଳି ଭଦ୍ରକ ପୌରପାଳିକାର ସାନଶଙ୍କରପୁର, ବଡଶଙ୍କରପୁର, କାଜିସାହି, ନଙ୍ଗାମହଲା, ଲାହାପଟି, ପାଟଣାସାହି, ପାନଅରତ ୱାର୍ଡରେ ଭୋଟରଙ୍କୁ ଭେଟି ନଳିନୀ ନିଜର ନିର୍ବାଚନୀ ପ୍ରତିଶ୍ରୁତି ରଖିଥିଲେ। ଗରିବ ଲୋକଙ୍କୁ ମାସିକ ୬ ହଜାର ଟଙ୍କା ଆୟର ଗ୍ୟାରେଣ୍ଟି ଏବଂ ପରିବାରର ମହିଳାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ରେମୁଣାରେ ବିଜେଡିର ନିର୍ବାଚନୀ ପ୍ରଚାର

**ବାଲେଶ୍ୱର ଅଫିସ, ୨୧।୪**

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ଖରିଦ୍‌ମୁଖୁରା ପଞ୍ଚାୟତରେ ରବିବାର ବିଜେଡିର ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖୁରା ମୁକ୍ତେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ଷ୍ଟାଲିନ୍ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡିକୁ ବହୁ ସଂଖ୍ୟାରେ ଭୋଟ୍ ଦେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ, ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ନାୟକ, ନିର୍ବାଚନ ପରିଚାଳନା ସଭ୍ୟ ମନୋରଞ୍ଜନ ରାଉତ, ଜିଲା ଏସ୍‌ସି ସେଲ୍ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଯୁବ ଜିଲା ସଭାପତି ଶୁଭେନ୍ଦୁ ମଙ୍ଗରାଜ, ପଞ୍ଚାୟତ ଆବାହକ ସୁରେଶ ଗିରୀ ଯୋଗଦେଇ ବିଜେଡି ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଭୋଟ ଦେବା ପାଇଁ ନିବେଦନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଭାରେ ଓଲିଉଡ୍‌ର କଳାକାର ପ୍ରଜ୍ଞା, ପ୍ରୀତମ୍ ତଥା ଅନ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ବିଜେଡି ପାଇଁ ଭୋଟ୍ ଦେବାକୁ କହିଥିଲେ। ଏହି ଅବସରରେ ଭାଜପାର ପୂର୍ବତନ ପଞ୍ଚାୟତ ସଭାପତି ବାଳକୃଷ୍ଣ ନାୟକ ଓ ଶତାଧିକ କର୍ମୀ ବିଜେଡିରେ ଯୋଗଦାନ କରି ପ୍ରଚାରରେ ସାମିଲ ହୋଇଥିଲେ। ବିଧାୟକ ପ୍ରାର୍ଥୀ ସୁଧାଂଶୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିଜେଡିକୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଶିବଶଙ୍କର ପରିଡ଼ା, ସର୍ବେଶ୍ୱର ଦାସ, ମିଳନ ଦଳେଇ, ତାପସ ଜେନା ଓ ରଞ୍ଜନ ଦଳେଇ ସଭା ପରିଚାଳନା ଓ ଆୟୋଜନ କରିଥିଲେ।

## ଯୋଗ ଦେଲେ ଅନ୍ୟ ଦଳର କର୍ମୀ



ମଞ୍ଚାସୀନ ରେମୁଣା ବିଧାୟକ ପ୍ରାର୍ଥୀ ଓ ନେତୃବର୍ଗ।

## ସଂକ୍ଷେପରେ

### ନିଷ୍ପତ୍ତିରୁ ଓହରିଲେ କଣ୍ଡରାଗଡ଼ିଆ ଗ୍ରାମବାସୀ

**ଖଇରା, ୨୧।୪(ଡି.ଏନ.ଏ.):** ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ କଣ୍ଡରାଗଡିଆ ଗ୍ରାମର ଅଧିବାସୀ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବାଦରେ ସେମାନେ ଭୋଟ ବର୍ଜନ କରିବାକୁ ପ୍ରଶାସନ ଏବଂ ରାଜନୈତିକ ନେତୃବୃନ୍ଦଙ୍କୁ ଜଣାଇଥିଲେ। ଶୁକ୍ରବାର ରାତିରେ ବିଧାୟକ ତଥା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗ୍ରାମରେ ପହଞ୍ଚି ଗ୍ରାମର ତାପସ ଦାସ, ପର୍ଶୁରାମ ଦାସ, ପ୍ରଫୁଲ୍ଲ ଦାସ, ଅଜୟ ଦାସ, କୈଳାସ ସାହୁଙ୍କ ସହ ଆଲୋଚନା କରିଥିଲେ। ବିଜେଡି କ୍ଷମତାକୁ ଆସିଲେ ଗମନାଗମନ, ପାନୀୟ ଜଳ, ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେପଟେ ଭାଜପା ଦଳର କିଛି ନେତୃବୃନ୍ଦ ଗ୍ରାମରେ ପହଞ୍ଚି ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ରାସ୍ତାରେ ଯାତାୟାତ ସୁବିଧା ପାଇଁ ମୋରମର ବ୍ୟବସ୍ଥା କରିବା ପରେ ଏବେ ଗ୍ରାମରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବା ସହ ଗ୍ରାମ ୨ଭାଗ ହୋଇଯାଇଛି।

### ଟ୍ରାଫିକ୍ ଥାନା ପକ୍ଷରୁ ଜଳଛତ୍ର ଖୋଲିଲା



**ବାଲେଶ୍ୱର ଅଫିସ, ୨୧।୪:** ବାଲେଶ୍ୱର ଟ୍ରାଫିକ୍ ଥାନା ପକ୍ଷରୁ ରବିବାର ପୋଲିସ ଲାଇନ୍ ଛକ ନିକଟରେ ଏକ ଜଳଛତ୍ରକୁ ଏସ୍‌ପି ବି. ଯୁଗଳ କିଶୋର କୁମାର ଉଦ୍‌ଘଟନ କରିଛନ୍ତି। ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ସାମାଜିକ କର୍ମୀ ନରେନ୍ଦ୍ର ବିହାରୀ ଦାସ, ଯୁବନେତା ବିକ୍ରମ ପଣ୍ଡା, ବହୁ ଟ୍ରାଫିକ୍ ଭଲେଣ୍ଟିୟର୍ ଉପସ୍ଥିତ ଥିଲେ। ସହରର ଏକ ପ୍ରମୁଖ ସ୍ଥାନରେ ପାନୀୟଜଳର ସୁବ୍ୟବସ୍ଥା ପୋଲିସ ପକ୍ଷରୁ କରାଯାଇଥିବା ସାଧାରଣରେ ସାଧୁବାଦ ଜଣାଇଛନ୍ତି।

### କମଳାକାନ୍ତ ଓଝାଙ୍କ ସ୍ମୃତିଚାରଣ ସଭା

**ସୋର, ୨୧।୪(ଡି.ଏନ.ଏ.):** ସାହିତ୍ୟିକ କମଳାକାନ୍ତ ଓଝାଙ୍କ ଏକାଦଶାହ ଉପଲକ୍ଷେ ସୋର ଗାଁ ମଜଲିସ୍ ସାହିତ୍ୟ ସଂସଦ ପକ୍ଷରୁ ସୋର ଟ୍ରକ ମାଲିକ ସଂଘ ସଭାଗୃହରେ ଅନାଦି ଚରଣ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ଦାସ, ସୋର ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, କେଶକ କବି ସ୍ମୃତି ପରିଷଦର ଉପସଭାପତି ମିହିର କୁମାର ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ନବକିଶୋର ଦାସ, କାଂଶବାଂଶ ସାଂସ୍କୃତିକ ପରିଷଦର ସମ୍ପାଦକ ଅଶୋକ କୁମାର ମହାନ୍ତି ଓ ମା' ଅମ୍ବିକା ସାହିତ୍ୟ ସଂସଦର ସମ୍ପାଦକ ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ କମଳାକାନ୍ତଙ୍କ ସ୍ମୃତିଚାରଣ କରି ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଗାଳ୍ପିକ ରଜନୀକାନ୍ତ ମହାନ୍ତି, ନିତ୍ୟାନନ୍ଦ ପାଣିଗ୍ରାହୀ, ଅଶୋକ କୁମାର ମହାନ୍ତି, ଗୋଲକ ପାତ୍ର, ଦୁର୍ଯ୍ୟୋଧନ ଦାସ, ଶ୍ରୀଧର ମହାପାତ୍ର, ଜ୍ୟୋସ୍ନାରାଣୀ ଜେନା, ଡ.ନରହରି ନାୟକ, ମୁରଲୀଧର ପାଢ଼ୀ, କମଳାକାନ୍ତ ପରିଡ଼ା, ସସ୍ମିତା ରାଉତ, ଉଦୟ କୁମାର ବେହେରା, ନାରାୟଣ ଚନ୍ଦ୍ର ପ୍ରଧାନ, ସୁନୀଲ ମିଶ୍ର, ଲମ୍ବୋଦର ନନ୍ଦ, ଶ୍ୟାମସୁନ୍ଦର ପ୍ରଧାନ, ମହେଶ୍ୱର ପଣ୍ଡା, ଅଚ୍ୟୁତ କୁମାର ପଣ୍ଡା, ରାଜବଲ୍ଲଭ ସାହୁ, ଲୋଚନ ବେହେରା, ଜିତେନ୍ଦ୍ର କୁମାର ବେହେରା, ବୈଦ୍ୟନାଥ ଦାସ, ଜ୍ୟୋତିରଞ୍ଜନ ଜେନା, ଗୀତାରାଣୀ ପୁରୀ, ଡ.ରବୀନ୍ଦ୍ର କୁମାର ବିହାରୀ, ରଶ୍ମିରାଣୀ ଦାସ, ପଦ୍ମଲୋଚନ ଦ୍ୱିବେଦୀ, ରମାକାନ୍ତ ପଣ୍ଡା, ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ନୃତ୍ୟ ସଙ୍ଗୀତ ବିଶାରଦ କିଟ୍ ଇଣ୍ଟରନ୍ୟାଶନାଲ ଅଧାପକ ସନ୍ତୋଷ କୁମାର ଲେଙ୍କା ଓ ଶିକ୍ଷାଗୁରୁ ଉପେନ୍ଦ୍ରନାଥ ପ୍ରଧାନଙ୍କ ନାତି ବସନ୍ତ ପ୍ରଧାନ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଗାଁ ମଜଲିସ୍ ସାହିତ୍ୟ ସଂସଦ ତରଫରୁ ଏକ ସ୍ମରଣିକା 'କୀର୍ତ୍ତି କଲ୍ଲୋଳ କମଳାକାନ୍ତ' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଓଝାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ନିର୍ବାଚନ ପାଇଁ ଅବକାରୀ ଚଢ଼ାଉ

# ୪୧ ଦିନରେ ୨୦୬ ଗିରଫ

- ୨ଟି ନକଲି ବିଦେଶୀ ମଦ କାରଖାନା ଠାବ
- ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅବକାରୀ ସାମଗ୍ରୀ, ବ୍ରାଉନ୍‌ସୁଗାର ଜବତ

**ବାଲେଶ୍ୱର ଅଫିସ, ୨୧।୪**

୨୦୧୯ ସାଧାରଣ ନିର୍ବାଚନ ପାଇଁ ବାଲେଶ୍ୱର ଜିଲା ଅବକାରୀ ବିଭାଗ ତତ୍ପର ହୋଇପଡିଛି। ୮ ବିଧାନସଭା ମଣ୍ଡଳୀରେ ଅବକାରୀ ସ୍କ୍ୱାଡ ମାଧ୍ୟମରେ ବ୍ୟାପକ ଚଢ଼ାଉ କରାଯାଇ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଜିଲା ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ୪୧ ଦିନ ମଧ୍ୟରେ ୨୦୬ ଜଣ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି।

ଚଢ଼ାଉ ବେଳେ ୮୮୪୫ ଲିଟର ଚୋରା ରନ୍ଧା ଦେଶୀମଦ, ୯୪ଲିଟର ବିଦେଶୀ ମଦ, ପଶ୍ଚିମବଙ୍ଗରୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ୨୭୩ ଲିଟର ବିଅର, ୩୫.୧୮୦ ଲିଟର ବିଅର, ପୋଚ ୧୯୫୦ କି.ଗ୍ରା., ୧୧.୪୦୦ ଲିଟର ଦେଶୀ ମଦ, ନକଲି ବିଦେଶୀ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ବିପୁଳ ପରିମାଣର ହୋଲୋଗ୍ରାମ, ଏଡେସିଭ୍ ଲେବଲ ଠିପି ସହ ୧୪୨ ଗ୍ରାମ ବ୍ରାଉନସୁଗାର ଏବଂ ଏଥିରେ ବ୍ୟବହୃତ ୩ ଚାରିଚକିଆ ଯାନ, ୧୨ ମୋଟର ସାଇକେଲ ଏବଂ ଗୋଟିଏ ସାଇକେଲ ଜବତ କରାଯାଇଛି। ଏସବୁ ଜବତ ଜିନିଷର ଆନୁମାନିକ ମୂଲ୍ୟ ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ହେବ।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲାର ସୀମାବର୍ତ୍ତୀ ଉଦୟପୁର, ଦୀଘା, ଚନ୍ଦନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଶୁଳ୍କ ବିହୀନ ପଶ୍ଚିମବଙ୍ଗର ବିୟର ଏବଂ ବିଦେଶୀ ମଦ ଜବତ କରାଯାଇଛି। ସେହିପରି ସୋର ଓ ଭଦ୍ରକ ସୀମାନ୍ତରେ ୨ ଗୋଟି ନକଲି ବିଦେଶୀ ମଦ କାରଖାନା ଠାବ ସହିତ ସନ୍ଦିଗ୍ଧମାନଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଅବକାରୀ ଉପଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ସଦର ଅବକାରୀ ନିରୀକ୍ଷକ, ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଉଦେଲାଲ ନାୟକ, ଜଳେଶ୍ୱର ଅବକାରୀ ଥାନାର ଉପନିରୀକ୍ଷକ ହରପ୍ରସାଦ ରଣା, ବସ୍ତା ଅବକାରୀ ଥାନାର ଉପନିରୀକ୍ଷକ ଆମ୍ପା ମାରାଣ୍ଡି ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଅଭୟ କୁମାର ନାୟକ ଏବଂ ଏପିଆର ଫୋର୍ସ ସହଯୋଗ କରିଥିଲେ। ଏପରି ଚଢ଼ାଉ ନିର୍ବାଚନ ସରିବା ପର୍ଯ୍ୟନ୍ତ ଚାଲୁ ରହିବ।



ମୃତ ଚାଷୀଙ୍କ ପୁଅକୁ ଚେକ୍ ପ୍ରଦାନ କରାଯାଉଛି।

## ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ବୀମା ସହାୟତା

**ଖଇରା, ୨୧।୪(ଡି.ଏନ.ଏ.)**

ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ ତୁମ୍ବାପଦି ଗ୍ରାମର ଚାଷୀ ସୂର୍ଯ୍ୟମଣି ପାଢୀ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ଏବେ ତାଙ୍କ ପରିବାରକୁ ବୀମା ଅର୍ଥ ବାବଦରେ ବର୍ତ୍ତନା ସେବା ସମବାୟ ସମିତି ତରଫରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ସମିତିର ସମ୍ପାଦକ ଅକ୍ଷୟ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ବ୍ୟାଙ୍କର ଖଇରା ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମାତ୍ର ୮୯ ଟଙ୍କା ବାର୍ଷିକ ପ୍ରିମିୟମ ଦେଇ ବୀମା ଉପକାରିତା ନେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଚାଷୀ ଯେଭଳି ଏଥିପ୍ରତି ଯତ୍ନବାନ ହେବେ ସେଥିଲାଗି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ବୋର୍ଡ ସଭ୍ୟ ଶଙ୍କର୍ଷଣ ଜେନା, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶାଖା ପରିଚାଳକ ମହାନ୍ତି ମୃତ ଚାଷୀଙ୍କ ପୁଅ ସ୍ନେହାଦିତ୍ୟ ପାଢୀଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

## 'କୀର୍ତ୍ତିର କଲ୍ଲୋଳ କମଳାକାନ୍ତ' ସ୍ମରଣିକା ଉନ୍ମୋଚିତ

**ଖଇରା, ୨୧।୪(ଡି.ଏନ.ଏ.)**

ଡାକ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧୀକ୍ଷକ ତଥା କବି ସାହିତ୍ୟକ ତଥା ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଥିବା ସ୍ୱର୍ଗତ କମଳାକାନ୍ତ ଓଝାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଶୁକ୍ରବାର ଖଇରା ବ୍ଲକ ଅଧୀନ ନନ୍ଦୋର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ କବି ଲମ୍ବୋଦର ନନ୍ଦ ଅଧ୍ୟକ୍ଷତା କରିଥିଲେ। ସଂସଦ ସଭାପତି ସୁଦାମ ଚରଣ ରାଉତ, ବିଶିଷ୍ଟ ନାଟ୍ୟକାର ଡ. ପଦ୍ମଲୋଚନ ମହାକୁଡ଼, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଗାଁ ମଜଲିସ ସାହିତ୍ୟ ସଂସଦର ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ, ବିଶିଷ୍ଟ ସାହିତ୍ୟିକ ସୋମନାଥ ବିଶ୍ୱାଳ, ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ, ବିଶିଷ୍ଟ ଖବରଦାତା ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଓଝାଙ୍କର ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦିବଂଗତ କମଳାକାନ୍ତଙ୍କ ଉପରେ ପ୍ରସ୍ତୁତ ସ୍ମରଣିକା 'କୀର୍ତ୍ତିର କଲ୍ଲୋଳ କମଳାକାନ୍ତ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପତ୍ନୀ ସୁମିତ୍ରା ଓଝା, ବୈଦ୍ୟନାଥ ଓଝା, ମଞ୍ଜୁଲତା ଓଝା, ସୁକାନ୍ତ ଓଝା, ଅଭିମନ୍ୟୁ ନାୟକ, ସାନଭାଇ ଗଣନାଥ ଓଝା, ମହେଶ୍ୱର ପଣ୍ଡା, ପୀତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱନାଥ ଓଝା ଧନ୍ୟବାଦ ଅର୍ପଣ ଦେଇଥିଲେ।

**କବି କମଳାକାନ୍ତଙ୍କ ସ୍ମୃତିସଭା**



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

## ଔପଦାରେ ବିଜେଡି କର୍ମୀ ସମ୍ମିଳନୀ

**ଔପଦା,୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରରେ ଶହ ଶହ ବିଜେଡି କର୍ମୀ, ସମର୍ଥକଙ୍କ ଗହଣରେ ଏକ ବଡ଼ ଧରଣର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବନେତା ଓ ତଳକିଆ ପଞ୍ଚାୟତର ସମିତି ସଭ୍ୟ ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସ୍ଥାନୀୟ ନେତା ତଥା ନୀଳଗିରି ବିଧାନସଭା ମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶିକୁମାର ସାହୁ, ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ଗିରିଶ ଚନ୍ଦ୍ର ଦାଶ ଯୋଗଦେଇ କେନ୍ଦ୍ରର ଅବହେଳାକୁ ସମାଲୋଚନା କରି ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଓ ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ନାରୀନେତ୍ରୀ ସୁମତୀ ମହାନ୍ତି, ଜିଲାପରିଷଦ ୧ନଂ. ଜୋନ୍ ସଭ୍ୟା ସୁବାସିନୀ ବିଶ୍ୱାଳ, ଶଙ୍କର୍ଷଣ ମହାନ୍ତି, ବିଜେଡି ବରିଷ୍ଠ ନେତା ଅନିରୁଦ୍ଧ ବିଶ୍ୱାଳ, କାର୍ତ୍ତିକେଶ୍ୱର ପଣ୍ଡା, ସଚ୍ଚିନ୍ଦ୍ର ଦାସ, ନିରଞ୍ଜନ ବାରିକ ଓ ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜହତା ଚଉଦ ମାଦଳ ଉତ୍ସବ ଶେଷ

**ରୂପ୍‌ସା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଜହତା ଚଉଦମାଦଳ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବରେ ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ବହୁ ଶ୍ରଦ୍ଧାଳୁ ପହଞ୍ଚି ଶ୍ରୀ ଚୈତନ୍ୟଦେବ ଓ ରାଧାକୃଷ୍ଣଙ୍କଠାରେ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ୪ଗୋଟି ବିଖ୍ୟାତ ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ୨୪ ପ୍ରହର ଚଉଦ ମାଦଳ ନାମଯଜ୍ଞ ହୋଇଥିଲା। ମାଷ୍ଟର ଭୁବନଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସନ୍ଧ୍ୟାମେଳି ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ପୌରାଣିକ ଗୀତିନାଟ୍ୟ 'ମହିଷାସୁର ବଧ' ମଞ୍ଚସ୍ଥ ହୋଇଥିଲା। ପ୍ରବଚକ ରବୀନ୍ଦ୍ର କୁମାର ମହାନ୍ତି ହରିପ୍ରେମୀ ମହିଳା, ପୁରୁଷ ଭକ୍ତଙ୍କୁ ଆଧ୍ୟାତ୍ମିକ ପ୍ରବଚନ ଶୁଣାଇଥିଲେ। କାଶୀନାଥେଶ୍ୱର ମହାଦେବ ପଡ଼ିଆରେ ଆୟୋଜିତ ଉତ୍ସବକୁ କମିଟି ସଭାପତି ଦିଗାମ୍ବର ମହାନ୍ତି, କର୍ମକର୍ତ୍ତା ଶଙ୍କର ପାଳ, ସନାତନ ମହାନ୍ତି, ଚକ୍ରଧର ମହାନ୍ତି, ହରିହର ଦାସ, କୈଳାସ ନାୟକ, ନାରାୟଣ ନାୟକ, ଧୀରେନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର କୋଇ, ଅକ୍ଷୟ ପଲେଇଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ।



ପୂଜା ପାଉଥିବା ଶ୍ରୀ ଚୈତନ୍ୟଦେବ ଓ ରାଧାକୃଷ୍ଣ।

## ବେଗୁନିଆରେ ରାଷ୍ଟ୍ର ସୁରକ୍ଷା ଯଜ୍ଞ

**ବାହାନଗା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତର ବେଗୁନିଆ ଗ୍ରାମର ଘଣ୍ଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଯଜ୍ଞ ସମିତି ଆନୁକୂଲ୍ୟରେ ରବିବାର ରାଷ୍ଟ୍ର ସୁରକ୍ଷା ଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ୧୦୮ ଘୃତଯଜ୍ଞ କରାଯାଇଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତ ବର୍ଷର ସୁରକ୍ଷା ନିମନ୍ତେ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ସ୍ଥାନରେ ଏଭଳି ଯଜ୍ଞ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ବାହାନଗା ବ୍ଲକର ବେଗୁନିଆ ଗ୍ରାମର ମହାଦେବ ମନ୍ଦିର, ପଥରପେଣ୍ଠ ପଞ୍ଚାୟତର ପଟଣାସ୍ଥିତ ଗୁପ୍ତେଶ୍ୱର ମହାଦେବ ମନ୍ଦିର, କସବାଜୟପୁର ପଞ୍ଚାୟତର ଜିରିତାଳ ଗ୍ରାମର ସଂସ୍କୃତି ଭବନ ପରିସରରେ ରାଷ୍ଟ୍ର ସୁରକ୍ଷା ଯଜ୍ଞ କରାଯାଉଛି। ଏହି ଯଜ୍ଞର ମୁଖ୍ୟ ଆୟୋଜକ ପତଞ୍ଜଳି ଯୋଗ ସମିତିର ଗୋବର୍ଦ୍ଧନ ସାହୁ। ଯଜ୍ଞରେ ପଣ୍ଡିତ ଭାବେ ସୁବାସ ଚନ୍ଦ୍ର ପଣ୍ଡା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ସୁଶାନ୍ତ କୁମାର ଦାସ, ଅନିତା ଦାସ, ଚକ୍ରଧର ବେହେରା, ତୃପ୍ତିଲତା ସାହୁ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞରେ ସାଧୁ ମହାରାଜା ଲକ୍ଷ୍ମଣ ମହାରଣା, କୃଷ୍ଣଚନ୍ଦ୍ର ମହାରାଜ, ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରାମର ରାଜୀବ ବେହେରା, ବିଜୟ ଦାସ, ରମେଶ ବେହେରା, ନିରଞ୍ଜନ ସାହୁ, ଭଜମନ ବେହେରା, ନିତ୍ୟାନନ୍ଦ ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।



ଘଣ୍ଟେଶ୍ୱର ମହାବେଦ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ରାଷ୍ଟ୍ର ସୁରକ୍ଷା ଯଜ୍ଞ।

## କବିବର ରାଧାନାଥ ରାୟଙ୍କ ଶ୍ରାଦ୍ଧବାର୍ଷିକୀ

**ସୋର, ୨୧।୪(ଡି.ଏନ.ଏ.)**

ସୋରରେ କବିବର ରାଧାନାଥ ରାୟଙ୍କ ୧୧୨ତମ ଶ୍ରାଦ୍ଧବାର୍ଷିକୀ ରାଧାନାଥ ସ୍ମୃତି ମଣ୍ଡପ ଠାରେ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥିମାନଙ୍କ ଦ୍ୱାରା ରାଧାନାଥ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଥିବା କବିବରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ଦାଶ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ସଭାପତିତ୍ୱ କରିଥିଲେ ରାଧାନାଥ ପାଠାଗାରର ସଭାପତି ବିଷ୍ଣୁ ଚରଣ ପଣ୍ଡା। ବିବରଣୀ ପାଠ କରିଥିଲେ ସମ୍ପାଦକ ସୁଧିର କୁମାର ଦାସ। ସୁନ୍ଦର ମୋହନ ଦାସ ସମ୍ମାନରେ ଫକୀର ମୋହନ ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା କବି ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଦୈତାରି ପ୍ରସାଦ ପାତ୍ର ସମ୍ମାନରେ ଗୟାଧର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୨୦୧୮ମସିହାର ଛାତ୍ରୀ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶୁଭଲକ୍ଷ୍ମୀ ପୃଷ୍ଟିଙ୍କୁ ଶ୍ରୀପତି ମହାନ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ଉଦ୍ଧବ ଚରଣ ବିଶ୍ୱାଳ। ଧନ୍ୟବାଦ ଅର୍ପଣ କରିଥିଲେ ଶୁକଦେବ ନାୟକ। ପଦ୍ମଲୋଚନ ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ବାସକୃଷ୍ଣ ମହାପାତ୍ର, ଅନାଦି ଚରଣ ଜେନା, ଦମୋଧର ଦାସମହାପାତ୍ର, ଜଗନ୍ନାଥ ଦାସ, ଶରତ ଚନ୍ଦ୍ର ନାୟକ, ମାନସ କୁମାର ପଣ୍ଡା, ଶ୍ରୀଧର ପତ୍ରୀ, ମଧୁସୂଦନ ସାହୁ, ରବୀନ୍ଦ୍ର କୁମାର ନନ୍ଦ, ଅଶୋକ କୁମାର ମହାନ୍ତି, ଶ୍ୟାମସୁନ୍ଦର ପ୍ରଧାନ, ସୁଧାକର ବେହେରା, ପଦ୍ମଲୋଚନ ସାହୁ, ନେତ୍ରାନନ୍ଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





କବିବର ରାଧାନାଥ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ସଭାରେ ଉପସ୍ଥିତ ଅତିଥି।

## ବେରୋଜଗାରୀ ହଟାଇବାକୁ ପ୍ରତିଶ୍ରୁତି

**ବାଲେଶ୍ୱର ଅଫିସ,୨୧।୪**

ବାଲେଶ୍ୱର ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ନିଜର ପ୍ରଚାର ଅବସରରେ ବାଲେଶ୍ୱରରେ ଶିଳ୍ପାୟନ ପ୍ରତିଷ୍ଠା କରି ବେରୋଜଗାରୀକୁ ହଟାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ବାଲେଶ୍ୱର ଲୋକସଭା ଆସନ ଅଧୀନ ବଡ଼ସାହି ବିଧାନସଭା କ୍ଷେତ୍ର ଅଞ୍ଚଳରେ କଂଗ୍ରେସର ମୁଖପାତ୍ର ଓ ଷ୍ଟାର୍ ପ୍ରଚାରକ ଖୁସ୍‌ବୁ ସୁନ୍ଦରଙ୍କ ସହ ଏକ ଜନସଭାରୁ ନବଜ୍ୟୋତି ପ୍ରଚାର ଆରମ୍ଭ କରି ଏହି ବକ୍ତବ୍ୟ ଦେଇଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କେନ୍ଦ୍ରରେ ସରକାର ଗଢ଼ିଲେ ନିମ୍ନତମ ଆୟ ଯୋଜନା ଅନୁଯାୟୀ ଗରିବଙ୍କ ପରିବାରକୁ ବାର୍ଷିକ ୭୨ହଜାର ଟଙ୍କା ମିଳିବ ବୋଲି ଖୁସ୍‌ବୁ ସୁନ୍ଦର ପ୍ରକାଶ କରିଥିଲେ। ଏକମାସରେ ଗରିବଙ୍କ ପରିବାରକୁ ୬ହଜାର ଟଙ୍କା ମିଳିଲେ ଦାରିଦ୍ର୍ୟ ଦୂରୀକରଣ ନିଶ୍ଚିତ ହେବ ବୋଲି ବିଧାୟିକା ପ୍ରାର୍ଥିନୀ ଦେବଜାନୀ ବେହେରା ପ୍ରକାଶ କରିବା ସହ ଶିକ୍ଷା, ସୁରକ୍ଷା, ସମ୍ମାନ ନିଶ୍ଚିତ ଭାବରେ ମିଳିବ ବୋଲି ଗ୍ୟାରେଣ୍ଟି ଦେଇଥିଲେ। ଛେଳିଆ, ପ୍ରତାପପୁର, ସିଆଳିଘାଟି, ବାଉଁଶିଆ, କୁଚିଳାଖୁଣ୍ଟା, ଯୋଗୀନୂଆଗାଁ, ଦୁର୍ଗାପୁର ଗ୍ରାମରେ ବହୁ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ଆଲୋଚନା କରିଥିଲେ। ପରେ ଭୀମଡ଼ା, ମାନଗୋବିନ୍ଦପୁର, ନଖରା, ସୁରକିଖୁଟା ପ୍ରମୁଖ ଅଞ୍ଚଳରେ ଦୂରଦୃଷ୍ଟି ସମ୍ପନ୍ନ ଥିବାରୁ ବିକାଶର ଧାରା ଅଟକି ଯାଇଥିବା ପ୍ରକାଶ କରି ଶିଳ୍ପାୟନକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତିଦିନ ବାଲେଶ୍ୱରରେ ଶତାଧିକ ବିଜେଡି ଏବଂ ଭାଜପା କର୍ମୀ କଂଗ୍ରେସରେ ମିଶୁଛନ୍ତି ବୋଲି କଂଗ୍ରେସର ବସ୍ତା ବିଧାୟକ ପ୍ରାର୍ଥୀ ବିଜନ ନାୟକ ପ୍ରକାଶ କରିଛନ୍ତି।



ନିର୍ବାଚନୀ ପ୍ରଚାରରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ।

## ବିଜେଡିର କର୍ମୀ ସମାବେଶ

**ବାଲିଆପାଳ, ୨୧।୪(ଡି.ଏନ.ଏ.):** ବାଲିଆପାଳ ବ୍ଲକ ପ୍ରତାପପୁରଠାରେ ରବିବାର ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମନ୍ମଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବସ୍ତା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ ଓ ବିଜେଡି ନେତ୍ରୀ ସୁବାସିନୀ ଜେନା ଯୋଗଦେଇଥିଲେ। ବସ୍ତା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ସରକାରୀ ଜାଗାରେ ପାଚେରି ନିର୍ମାଣକୁ ବିରୋଧ

### କଣ୍ଟା ପକାଇ ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ରୂପ୍‌ସା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ରବିବାର ଉତ୍ତେଜନା ଦେଖାଦେଇଛି। ଗ୍ରାମର ଜଣେ ବ୍ୟକ୍ତି ସରକାରୀ ମୁଖ୍ୟ ରାସ୍ତାରେ ପାଚେରି ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ଶନିବାର ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀଙ୍କୁ ଲିଖିତ ଭାବେ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ରବିବାର ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରୁ ଗ୍ରାମ ତରଫରୁ ଉମେଶ ଚନ୍ଦ୍ର ସାହୁ, କମଳାକାନ୍ତ ଜେନା, ଅଜୟ କୁମାର ବେହେରା, ଅସୀମ ଦାସ, ଈଶ୍ୱର କୁମାର ସାହୁଙ୍କ ସମେତ ବହୁ ଗ୍ରାମବାସୀ ନୂଆଗାଁ-ରାଉତପଡ଼ା ରାସ୍ତାରେ କଣ୍ଟା ରଖି ଅବରୋଧ କରିଥିଲେ। ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଦାବି ରଖିଥିଲେ। ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ହେବାରୁ ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ତହସିଲଦାର ଖମାରୀ, ରୂପ୍‌ସା ଥାନା ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। ନିର୍ବାଚନ ପରେ ଅମିନଙ୍କ ଦ୍ୱାରା ମାପ କରାଯାଇ ଜାଗା ଚିହ୍ନଟ ପରେ ନିଜ ଜାଗାରେ ପାଚେରି ନିର୍ମାଣ କରିବା ପାଇଁ ଦାମୋଦର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ୨ ଘଣ୍ଟା ପରେ ରାସ୍ତାରୋକୋ ଆନ୍ଦୋଳନରୁ ଗ୍ରାମବାସୀ ଓହରିଥିଲେ।



ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକୋ ଆନ୍ଦୋଳନ।

# ■ କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ସରିଲା ପ୍ରଚାର
# ଦିନକ ପରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ବାରିପଦା ଅଫିସ,୨୧।୪**

କେନ୍ଦୁଝର ଲୋକ ସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ରବିବାର ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନଙ୍କ ପ୍ରଚାର ଶେଷ ହୋଇଛି। ନିର୍ବାଚନ ମଣ୍ଡଳୀରେ ଏଥର ମୋଟ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ପଦ୍ମ ଚରଣ ହାଇବ୍ରୁରୁ, ବିଜେଡିରୁ ବାସନ୍ତୀ ହେମ୍ବ୍ରମ, କଂଗ୍ରେସରୁ ସୁଦାମ ଚରଣ ନାଏକ, ଅଲ ଇଣ୍ଡିଆ ତୃଣମୂଳରୁ ଜବାମଣି ଟୁଡୁ, ଏସୟୁସିଆଇ(କମ୍ୟୁନିଷ୍ଟ)ରୁ ବାଜୁରାମ ସିଦୁ, ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ରଘୁନାଥ ନାୟକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ବୈଦ୍ୟନାଥ ସିଂ, ସମାଇ ଚରଣ ପୂର୍ତ୍ତି, ସୁଜିତ କୁମାର ଲୁଗୁନ ଓ ସୁବାସ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ମଇଦାନରେ ଅଛନ୍ତି।

ଏହି ନିର୍ବାଚନ ମଣ୍ଡଳୀ ଅଧୀନରେ କରଞ୍ଜିଆ ବ୍ଲକର ୧୫ ପଞ୍ଚାୟତ, କରଞ୍ଜିଆ ଏନଏସିର ୧୫ ୱାର୍ଡ, ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତ ଏବଂ କପ୍ତିପଦା ବ୍ଲକର ୯ ପଞ୍ଚାୟତ ରହିଛି। ମୋଟ ଭୋଟର ସଂଖ୍ୟା ୧ ଲକ୍ଷ ୮୩ ହଜାର ୯୬ । ଚଳିତ ବର୍ଷ ମତଦାନ ପାଇଁ ୨୪୧ ଟି ବୁଥ କରାଯାଇଛି। ୨୦୧୪ ରେ ବୁଥ୍ ସଂଖ୍ୟା ୨୧୭ ଥିଲା। ଚଳିତ ବର୍ଷ ୨୪ ଟି ଅଧିକା ବୁଥ ହୋଇଛି। ଏସବୁ ବୁଥ୍ ମଧ୍ୟରୁ ୮ ଟି ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ ହୋଇଥିବା ରିଟର୍ନିଂ ଅଫିସର ତଥା କରଞ୍ଜିଆ ଉପଜିଲାପାଳ ଶରତ କୁମାର ପୁରୋହିତ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ରବିବାର ଅପରାହ୍ନ ୨ ଟା ବେଳେ କାଳବୈଶାଖୀ ପ୍ରଭାବରେ କରଞ୍ଜିଆରେ ପ୍ରବଳ କୁଆପଥର ବର୍ଷା ହେବାରୁ ନିର୍ବାଚନ ପରିଚାଳନା ଲାଗି ବୁଥକୁ ଯିବାରେ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଅଧା ବୁଥରେ କର୍ମଚାରୀମାନେ ପହଞ୍ଚି ସାରିଛନ୍ତି। ରାତି ସୁଦ୍ଧା ସମସ୍ତ ବୁଥରେ ଟିମ୍ ପହଞ୍ଚି ଯିବେ ବୋଲି ସେ କହିଛନ୍ତି। ଏଥିସହ ଭୋଟ ଗ୍ରହଣ ସମୟରେ ସବୁଠି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରିବା ଲାଗି ଗୁରୁତ୍ୱ ଦିଆଯାଇଛି।

## ୧୭ ବୁଥ ଅଞ୍ଚଳରେ ନାହିଁ ମୋବାଇଲ ଟାୱାର

**ବାରିପଦା ଅଫିସ,୨୧।୪**

ମୟୂରଭଞ୍ଜ ଜିଲାର କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ ଲାଗି କଡ଼ାକଡି ପଦକ୍ଷେପ ନିଆଯାଇଛି। ଏସବୁ ବୁଥ୍ ମଧ୍ୟରୁ ୧୭ ଟି ବୁଥ ଅଞ୍ଚଳରେ ମୋବାଇଲ ଟାୱାର ନ ଥିବା ଜଣାପଡିଛି। ନିର୍ବାଚନ ମଣ୍ଡଳୀରେ ବିକାଶର ଚିତ୍ର କିପରି ରହିଛି, ଏଥିରୁ ତାହା ଅନୁମିତ । କେନ୍ଦ୍ର ସରକାରଙ୍କ ଡିଜିଟାଲ ଇଣ୍ଡିଆ ସ୍ଲୋଗାନର ଅସଲ ରୂପ ମଧ ପଦାରେ ପଡିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିର୍ବାଚନ ମଣ୍ଡଳୀର ଅନେକ ଅଞ୍ଚଳ ବିକାଶ କ୍ଷେତ୍ରରେ ପଛରେ ପଡିଛି। ସବୁ ଗ୍ରାମାଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚିଥିବା କେନ୍ଦ୍ର ସରକାର ପ୍ରଚାର କରୁଛନ୍ତି। ମୋବାଇଲ ଟାୱାର ନ ଥିବାରୁ ଏହି ଅଞ୍ଚଳରେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲେ ଏନେଇ ନିର୍ବାଚନ କମିଶନ କିମ୍ବା ଜିଲା ପ୍ରଶାସନ କିଭଳି ସୂଚନା ପାଇବେ ତାହା ବୁଝା ପଡୁନାହିଁ। ଏ ସମ୍ପର୍କରେ କରଞ୍ଜିଆ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଶରତ କୁମାର ପୁରୋହିତଙ୍କୁ ପଚାରିବାରୁ କହିଛନ୍ତି, ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ହୋଇ ରହିଛି। ପୋଲିସ ବିଭାଗର ଭିଏଚଏଫ ଏସବୁ ବୁଥ ଲାଗି ବ୍ୟବହାର କରାଯିବ। ଭିଏଚଏଫ ଯୋଗେ ବାର୍ତ୍ତା ପଠାଇବା ଲାଗି ବୁଥ୍ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ ପୂର୍ବରୁ ତାଲିମ ଦିଆଯାଇଛି।

## ରୋଡ ଶୋରେ ଗୋଷ୍ଠୀକନ୍ଦଳ

**ବାରିପଦା ଅଫିସ,୨୧।୪**

ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧୀନ ବହଳଦା କଲେଜ ରୋଡ ନିକଟରେ ଶୁକ୍ରବାର ବିଜେଡି ରୋଡ ଶୋ କରୁଥିବା ବେଳେ ଗଣ୍ଡଗୋଳ ଘଟିଥିଲା। ଶନିବାର ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ଘଟଣା ସମ୍ପର୍କରେ ଜଣାପଡିଛି। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି ଓ ରାଇରଙ୍ଗପୁର ବିଧାୟିକା ପ୍ରାର୍ଥୀ ବାସନ୍ତୀ ମାରାଣ୍ଡି ଏକ ଗାଡିରେ ଶୁକ୍ରବାର ରୋଡ ଶୋ କରୁଥିଲେ। ଗାଡିରେ ଜଣେ ଆଗଧାଡିର ବିଜେଡି ନେତା ଉପସ୍ଥିତ ଥିଲେ। ଏହି ନେତାଙ୍କ ଉପସ୍ଥିତିକୁ ବିରୋଧ କରି ଅନ୍ୟ ଗୋଷ୍ଠୀର ନେତା ଗାଡି ଉପରକୁ ଚଢ଼ିଥିଲେ। ଫଳରେ ଗାଡି ଉପରେ ପୂର୍ବରୁ ଥିବା ନେତା ଗାଡିରୁ ଓହ୍ଲାଇ ଯାଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଗୋଷ୍ଠୀକନ୍ଦଳକୁ ନେଇ ଏହି ଘଟଣା ଘଟିଥିବା କର୍ମୀ ମହଲରେ କୁହାଯାଉଛି।

### ସଂକ୍ଷେପରେ

## ବାଇକ୍ ରାଲି, ନିର୍ବାଚନୀ ସଭା

**ଯଶୀପୁର,୨୧।୪(ଡି.ଏନ.ଏ.)**-ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ଭୋଟ ପ୍ରଚାର ଜୋର ଧରିଛି। ମୟୂରଭଞ୍ଜ ଜିଲା ଯଶୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରବିବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପୁରୁଣା ବଜାରଠାରେ ଏକ ସଭା କରାଯାଇଥିଲା। ନିକଟସ୍ଥ ପଦ୍ମପୁର ଦୁର୍ଗାମଣ୍ଡପ ପାଖରୁ କର୍ମୀମାନେ ବାଇକ ରାଲିରେ ସ୍ଥାନୀୟ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ରମାକାନ୍ତ ମହାନ୍ତ ସଭାରେ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଲୋକ ସଭା ଆସନର ବିଜେଡି ଏମ.ପି. ପ୍ରାର୍ଥୀ ଡ. ଦେବାଶିଷ ମାରାଣ୍ଡି ଓ ଯଶୀପୁର ବିଧାନସଭା ଆସନର ପ୍ରାର୍ଥୀ ଗୋଲକ ବିହାରୀ ନାୟକ ସଭାରେ ଯୋଗଦେଇ ରାଜ୍ୟରେ ବିକାଶଧାରା ଜାରି ରଖିବାକୁ ବିଜେଡିକୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ।

## ଶତପ୍ରତିଶତ ମତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ

**ବାରିପଦା ଅଫିସ,୨୧।୪**- ଓଡିଶା ଇଲେକ୍ସନ ୱାଚ୍ ମୟୂରଭଞ୍ଜ ଶାଖା ତରଫରୁ ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ସାଧାରଣ ନିର୍ବାଚନ ୨୦୧୯ ପରିପ୍ରେକ୍ଷୀରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅଧାପକ ସଞ୍ଜୟ କୁମାର ଦେ ଅଧକ୍ଷତା କରିଥିଲେ ଏବଂ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଯୁକ୍ତା ସେନାପତି, ସମ୍ମାନିତ ଅତିଥି ଭାବେ ଓଡିଶା ଇଲେକ୍ସନ ୱାଚ୍ ମୟୂରଭଞ୍ଜ ଶାଖାର ସହ ସଂଯୋଜକ ସନ୍ତୋଷ ମହାନ୍ତି ଯୋଗ ଦେଇଥିଲେ। ବର୍ତ୍ତମାନ ଭାରତରେ ନିର୍ବାଚନ ପ୍ରକ୍ରିୟାରେ ଅଣାଯାଇଥିବା ସଂସ୍କାର ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଦେଶରେ ଏକ ନିର୍ମଳ ଓ ସ୍ୱଚ୍ଛ, ଅପରାଧ ମୁକ୍ତ ଜନତାଙ୍କୁ ଉତ୍ତରଦାୟୀ ସରକାର ଗଠନ ନିମନ୍ତେ ଏଡିଆର ଓ ଇଲେକ୍ସନ ୱାଚ୍‌ର ନିରବଚ୍ଛିନ୍ନ ଉଦ୍ୟମ ଲାଗି ରହିଛି ଓ ଏଥିରେ ଯୁବଗୋଷ୍ଠୀଙ୍କ ଯୋଗଦାନ ଅଧିକରୁ ଅଧିକ ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କୁ ଏଡିଆର ମୁଖ୍ୟଙ୍କ ବାର୍ତ୍ତା, ଓଡିଶା ଇଲେକ୍ସନ ୱାଚ୍ ଦ୍ୱାରା ପ୍ରସ୍ତୁତ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ୨୦୦୯-୨୦୧୪ ନିର୍ବାଚନରେ ଭାଗ ନେଇଥିବା ଓ ବିଜୟୀ ହୋଇଥିବା ପ୍ରାର୍ଥୀଙ୍କର ଆପରାଧିକ ତଥ୍ୟ, ଶିକ୍ଷାଗତ ତଥ୍ୟ, ସମ୍ପତ୍ତି ଅଭିବୃଦ୍ଧିର ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

## ପୋଲିସକୁ ଯବାନଙ୍କ ମାଡ଼: ଥାନାରେ ମାମଲା

**ରାଇରଙ୍ଗପୁର,୨୧।୪(ଡି.ଏନ.ଏ.)**- ମୟୂରଭଞ୍ଜ ଜିଲା ଯାମଦା ଥାନା ଅଞ୍ଚଳରେ ଉଡ଼ା ଯାତ୍ରାବେଳେ ଜଣେ ଯବାନ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣା ନେଇ ଥାନରେ ଏକ ମାମଲା ରୁଜୁ କରାଯାଇଛି। ରାସ୍ତା ଉପରେ ରଖିଥିବା ବାଇକ୍ ହଟାଇବା ପାଇଁ ପୋଲିସ କର୍ମଚାରୀ କହିବାରୁ ଯବାନ ଜଣଙ୍କ ଯୁକ୍ତିତର୍କ କରି ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି।

## ‘ମୋ ଭୋଟ ମୋ ଅଧିକାର’ ସଚେତନତା ଅଭିଯାନ



‘ମୋ ଭୋଟ ମୋ ଅଧିକାର’ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

**ବାରିପଦା ଅଫିସ,୨୧।୪**

ଚଳିତ ସାଧାରଣ ନିର୍ବାଚନରେ ଶତପ୍ରତିଶତ ମତଦାନ ପାଇଁ ସମସ୍ତଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ‘ମୋ ଭୋଟ ମୋ ଅଧିକାର ଅଭିଯାନ’ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୟେସ ଉଇ କେନ ସଙ୍ଗଠନ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜନସାଧାରଣଙ୍କ ନିକଟରେ ସଚେତନାର ବାର୍ତ୍ତା ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ସାମାଜିକ ସଙ୍ଗଠନର ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କ ସମେତ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାଚରଣ ପାତ୍ର,ଏସଜିଏସର ଅଧକ୍ଷା ବୀଣାପାଣି ଦାଶ, ଡ.କୈଳାସ ମିଶ୍ର ଓ ଜାତୀୟ ସେବା ଯୋଜନାର ସଂଯୋଜିକା ଉଷା ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମରେନ୍ଦ୍ର ବସା କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ୟେସ ଉଇ କେନର ମାନସ ରଞ୍ଜନ ବେହେରା, ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ରୋହିମା ନିଶା ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଯଜ୍ଞ ସମାରୋହ

**କୁଆମରା,୨୧।୪(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ କୁଆମରାଠାରେ ଗ୍ରାମ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୁଇ ଦିନ ଧରି ରାଧା କୃଷ୍ଣଙ୍କ ପୀଠରେ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ଦିବା ରାତ୍ର ପୂଜା ପାଠ ସହ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା ଓ ପ୍ରସାଦ ସେବନ କରିଥିଲେ। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ନାମସଂକୀର୍ତ୍ତନ ଯୋଗୁ ଗ୍ରାମର ପରିବେଶ ଦୁଇ ଦିନ ଧରି ଉତ୍ସବମୁଖର ରହିଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମଧ ଆସି ଏହି ନାମଯଜ୍ଞରେ ସାମିଲ ହୋଇଥିଲେ।

## ଶତାଧିକ ଭାଜପା କର୍ମୀ ବିଜେଡିରେ ମିଶିଲେ

**ଖୁଣ୍ଟା,୨୧।୪(ଡି.ଏନ.ଏ.)**

ନିର୍ବାଚନ ପ୍ରଚାର ଜମି ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳର କର୍ମୀ ଦଳବଦଳ କରିବାରେ ଲାଗି ପଡିଛନ୍ତି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି କର୍ମୀମାନେ ଗୋଟିଏ ଦଳ ଛାଡି ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏହି କ୍ରମରେ ଶନିବାର ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକ ବିଜେଡି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଭାଜପା କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଖୁଣ୍ଟା ବ୍ଲକ କନ୍ହେଇବନ୍ଧ ମଣ୍ଡଳ ଉପସଭାପତି ରାଜା ଜେନା ଓ ବିଶିକେଶନ ବେହେରାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିବା ଏହି କର୍ମୀମାନେ ଭାଜପା ଏକ ବ୍ୟବସାୟିକ ଦଳ ବୋଲି କହିବା ସହିତ ଉକ୍ତ ଦଳର ପ୍ରାର୍ଥୀ ଓ ନେତା ତୃଣମୂଳସ୍ତରର କର୍ମୀମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଅପରପକ୍ଷେ ବିଜେଡିର ଦୃଢ଼ ସାଙ୍ଗଠନିକ ବ୍ୟବସ୍ଥା ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ବାରିପଦା ବିଧାନସଭା ବିଜେଡି ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ଓ ଖୁଣ୍ଟା ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ମାର୍ଣ୍ଡି, ବ୍ଲକ ଯୁବ ସଭାପତି ଲାଲାଜୀ ରଥଙ୍କ ଉପସ୍ଥିତିରେ ଏହି ନବାଗତ କର୍ମୀମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା ।

## ବାଙ୍ଗିରିପୋଷି ଆସନରେ କଡ଼ା ମୁକାବିଲା

**କୁଳିଅଣା,୨୧।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷୀ ସଂରକ୍ଷିତ ବିଧାନସଭା ଆସନରେ ଏଥର କଡ଼ା ମୁକାବିଲା ହେଉଥିବାରୁ ନିର୍ବାଚନ ପ୍ରଚାର ଜୋର ଧରିଛି। ବିଭିନ୍ନ ଦଳର ପ୍ରାର୍ଥୀ ରାଲି, ସମାବେଶ କରିବା ସହ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ବାଙ୍ଗିରିପୋଷି ଆସନରେ ଏଥର ସର୍ବାଧିକ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ସୁଗୁଦା ମୁର୍ମୁ, ବିଜେଡିରୁ ସୁଦାମ ମାରଣ୍ଡି, ଜେଏମଏମରୁ ଫାଗୁ ମାରାଣ୍ଡି, ଏସୟୁସିଆଇ ପ୍ରାର୍ଥୀ ପୀତାମ୍ବର ନାଏକ , ସମତା କ୍ରାନ୍ତିରୁ ଦେବେନ୍ଦ୍ର ନାଥ ସିଂ ଏବଂ ବହୁଜନ ସମାଜବାଦୀ ପାର୍ଟିରୁ ଭରତ ଚନ୍ଦ୍ର ସିଂ ଏବଂ ଝାଡ଼ଖଣ୍ଡ ପିପୁଲ୍ସ ପାର୍ଟିରୁ ସୁନ୍ଦର ମୋହନ ସିଂ ନିର୍ବାଚନ ଲଢୁଥିବା ବେଳେ ପୁରୁଷୋତ୍ତମ ନାଏକ, ରତ୍ନାକର ମୁର୍ମୁ, ଜିତେନ୍ଦ୍ର ସିଂ ଓ ରବୀନ୍ଦ୍ର ନାଥ ସିଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି। ଭାଜପା ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟ ଓ ବିଭିନ୍ନ ସଫଳତା ସମେତ ଡବଲ ଇଞ୍ଜିନ କଥା କହି ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ପ୍ରଚାର କରୁଥିବାବେଳେ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଓ ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳା କଥା କହି ପ୍ରଚାର କରୁଛନ୍ତି। ଏହି ଆସନରେ କଂଗ୍ରେସ ଏଥର ପ୍ରାର୍ଥୀ ଦେଇ ନାହିଁ । ଜେଏମଏମ ସହିତ ମେଣ୍ଟ କରିଥିବାରୁ ଏହି ଦଳର ପ୍ରାର୍ଥୀ ଫାଗୁ ମାରାଣ୍ଡି ଉଭୟ ଦଳ ମଧ୍ୟରେ ସମନ୍ୱୟ ରଖି ପ୍ରଚାର କାର୍ଯ୍ୟକୁ ଆଗେଇ ନେଉଛନ୍ତି। ଅନ୍ୟଦଳର ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ପ୍ରଚାର କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀମାନେ ଅନ୍ୟ ଥର ଭଳି ଏଥର ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଲାଗି କେତେକାଂଶରେ କଣ୍ଟା ସାଜିବେ ବୋଲି ଚର୍ଚ୍ଚା ହେଉଛି। ଭାଜପା ଛାଡି ସ୍ୱାଧୀନ ପ୍ରାର୍ଥୀଭାବେ ଲଢୁଥିବା ପୁରୁଷୋତ୍ତମ ମଧ ଦଳୀୟ ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଉଛନ୍ତି। ୨୦୧୪ରେ ଅନୁରୂପ ୧୧ ପ୍ରାର୍ଥୀ ଏହି ଆସନରୁ ଲଢ଼ିଥିଲେ। ସେତେବେଳେ ଜେଏମଏମ ଛାଡି ବିଜେଡିକୁ ଆସିଥିବା ସୁଦାମ ମାରଣ୍ଡି ନିର୍ବାଚନ ଜିତି ମନ୍ତ୍ରୀ ହୋଇଥିଲେ। ସେ ଏଥର ପୁନର୍ବାର ଟିକେଟ ପାଇ ନିର୍ବାଚନ ଲଢ଼ୁଛନ୍ତି। ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସୁନ୍ଦରମୋହନ ଏଥର ଦଳରୁ ଟିକେଟ ନ ପାଇ ଝାଡ଼ଖଣ୍ଡ ପିପୁଲ୍ସ ପାର୍ଟିରୁ ପ୍ରାର୍ଥୀ ହୋଇ ମଇଦାନରେ ରହିଛନ୍ତି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ସମସ୍ତ ପ୍ରାର୍ଥୀ ଭୋଟରଙ୍କୁ ନିଜପଟକୁ ଆଣିବା ଲାଗି ଯଥାସମ୍ଭବ ପ୍ରୟାସ ଚଳାଇଥିବା କହିଛନ୍ତି।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ବାରିପଦା ଅଫିସ,୨୧।୪**


ସାଧାରଣ ପର୍ଯ୍ୟବେକ୍ଷକ ବୁଥ ପରିଦର୍ଶନ କରୁଛନ୍ତି।

ମୟୂରଭଞ୍ଜ ଜିଲାରେ ସାଧାରଣ ନିର୍ବାଚନ ପରିଚାଳନା କାର୍ଯ୍ୟ ତଦାରଖ ପାଇଁ ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ନିୟୋଜିତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ ଗୋପାଳ ଶର୍ମା ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାରସକଣା, ରାଇରଙ୍ଗପୁର ଓ କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ବିଭିନ୍ନ ବୁଥ୍ ଗୁଡିକର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ଶର୍ମା ସମସ୍ତ ବୁଥ୍‌ରେ ଭୋଟରଙ୍କ ସୁବିଧା ପାଇଁ ପାନୀୟଜଳ, ବିଦ୍ୟୁତ ଓ ଆଲୋକ, କେନ୍ଦ୍ରରେ ଆବଶ୍ୟକ କୋଠରି ଗୃହ ବ୍ୟବସ୍ଥା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ର୍ୟାମ୍ପ, ହ୍ୱିଲ ଚେୟାର ବ୍ୟବସ୍ଥା, ରେଷ୍ଟଶେଡ, ଶୌଚାଳୟ ଆଦି ସର୍ବନିମ୍ନ ସୁବିଧା ଯୋଗାଇଦେବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ସେହିପରି ଅନ୍ୟତମ ସାଧାରଣ ପର୍ଯ୍ୟବେକ୍ଷକ ବିଜୟା କ୍ରିଷ୍ଣନ୍ ମୟୂରଭଞ୍ଜ ଲୋକ ସଭା ଅନ୍ତର୍ଗତ ବାରିପଦା, ଉଦଳା, ମୋରଡା ଓ ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ମଧ ବିଭିନ୍ନ ବୁଥଗୁଡିକ ପରିଦର୍ଶନ କରିଛନ୍ତି।

## ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ବାରିପଦା ଅଫିସ,୨୧।୪**

ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଥିଲେ ସ୍ୱତନ୍ତ୍ର ଉତ୍କଳର ଅନ୍ୟତମ ପୁରୋଧା ତଥା ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି। ସେ ଶିକ୍ଷା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ମୟୂରଭଞ୍ଜ ସମେତ ରାଜ୍ୟରେ ବିକାଶ ଲାଗି ନେଇଥିବା ପଦକ୍ଷେପ ଅତୁଳନୀୟ। ‘ଆମେ ମୟୂରଭଞ୍ଜିଆ’ ସଂଗଠନ ପକ୍ଷରୁ ତାଙ୍କ ୯୧ତମ ଶ୍ରାଦ୍ଧବାର୍ଷିକୀ ପାଳନ ଉତ୍ସବରେ ଅତିଥିମାନେ ଏହି ମତ ବ୍ୟକ୍ତ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଶ୍ରାଦ୍ଧବାର୍ଷିକୀ ପାଳନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଙ୍ଗଠନର ଆବାହକ ସଞ୍ଜୟ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଏମପିସି କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଶୁଭଙ୍କର ସାହୁ, ଡଃ ଶ୍ୟାମ ସୁନ୍ଦର ଦାସ, ଡଃ ଗଣେଶ୍ୱର ଭୋଇ, ଅଚ୍ୟୁତ୍ ପ୍ରସାଦ ମହାପାତ୍ର, ଭଗବତୀ ଦାଶ, ରଘୁନାଥ ପଣ୍ଡା, ଅଶୋକ ଭଞ୍ଜଦେଓ, ଅଭିଷେକ ଆଚାର୍ଯ୍ୟ, ସୁଧାମୟୀ ଦାସ, ପ୍ରଣତୀ ଦାସ, ମାନସ କରନ, ଅଭିଷେକ ଯାଦବ, ରତ୍ନାକର ବିନ୍ଧାଣୀ, କାହ୍ନୁଚରଣ ଶତପଥୀ, ‘ଆମେ ଭଞ୍ଜବୀର’ର ସଭାପତି ଚନ୍ଦନ ସେଜପଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ବାରିପଦାରେ ପାୱାର ହାଉସ ନିର୍ମାଣଠାରୁ ଆରମ୍ଭ କରି ରାସ୍ତାରେ ବିଜୁଳି ଆଲୁଅର ବ୍ୟବସ୍ଥା, ଟେଲିଫୋନ ସେବା, ପାନୀୟ ଜଳ ପାଇଁ ପାଇପ ପାଣିର ସୁବିଧା ସହ ସଡକ ପଥ ଓ ରେଳପଥର ବିକାଶ ଏବଂ ଓଡିଆ ଭାଷା ତତ୍ତ୍ୱ ଓ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଲାଗି ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ରେଭେନ୍ସା କଲେଜ ପାଇଁ ସେ ୧ ଲକ୍ଷ, କଟକରେ ମେଡିକାଲ ସ୍କୁଲ ପାଇଁ ୫୦ହଜାର, କଟକ ଡାକ୍ତଖାନା ପାଇଁ ୨୦ହଜାର, କଟକର ଶ୍ରୀରାମଚନ୍ଦ୍ର ଭବନ (ବାଣୀପୀଠ) ପାଇଁ ୧୩ ହଜାର, ରାୟପୁରର ରାଜକୁମାର କଲେଜ ପାଇଁ ୨ଲକ୍ଷ ଟଙ୍କା ଦେବା ସମେତ ଦେଶର ବିଭିନ୍ନ ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମାତ୍ର ୨୯ବର୍ଷ ବୟସରେ ଧନୁଷ୍ଟଙ୍କାର ରୋଗରେ ତାଙ୍କର ମୃତ୍ୟୁ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଆମେ ମୟୂରଭଞ୍ଜିଆ ଓ ଆମେ ଭଞ୍ଜବୀରର ସଦସ୍ୟ ଓ ଏମପିସ ଜୁନିୟର କଲେଜର ଅଧାପକ ଅଧାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।


ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ୯୧ତମ ଶ୍ରାଦ୍ଧବାର୍ଷିକୀ ପାଳନ ସମାରୋହ।

## ବଡ଼ସାହିରେ କଂଗ୍ରେସର ହେଭିୱେଟ ନେତାଙ୍କ ପ୍ରଚାର

**ବଡ଼ସାହି,୨୧।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହିଠାରେ ରବିବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ଷ୍ଟାର ପ୍ରଚାରକ ଭାବେ କଂଗ୍ରେସର କେନ୍ଦ୍ରୀୟ ମୁଖପାତ୍ର ଖୁସବୁ ସୁନ୍ଦର, ଅଲ ଇଣ୍ଡିଆ କଂଗ୍ରେସ କମିଟିର ସମ୍ପାଦକ ରୁଦ୍ର ରାଜୁ ଓ ମସ୍ତାନ ଭଲ୍ଲି, ପିସିସି ସମ୍ପାଦକ ପଦ୍ମକର ଗୁରୁ, ଡ଼ାବୁଗାଁ ବିଧାୟକ ତଥା ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍‌ର ସଭାପତି ଭୁଜବଳ ମାଝି, ସିପିଆଇ ନେତା ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ ଓ ଜଗବନ୍ଧୁ ମିଶ୍ର, ସିନେ ତାରକା ଶ୍ରଦ୍ଧା ଓ ରାଜେଶ ପ୍ରମୁଖ ଯୋଗ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ରରେ ସରକାର ବଦଳିବା ଦରକାର ବୋଲି କହିଥିଲେ।



କଂଗ୍ରେସର ନିର୍ବାଚନୀ ସଭାରେ ଉପସ୍ଥିତ କର୍ମୀ ଓ ଭୋଟର, ମଞ୍ଚାସୀନ କଂଗ୍ରେସ ନେତା।

ବକ୍ତାମାନେ ରାଜ୍ୟର କୃଷି ଓ କୃଷକଙ୍କ ସମସ୍ୟା ଉପସ୍ଥାପନ କରି କଂଗ୍ରେସ କ୍ଷମତାକୁ ଆସିଲେ, କୃଷିଋଣ ଛାଡ଼ କରିବାକୁ ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବ ବୋଲି କହିଥିଲେ। କଂଗ୍ରେସ ଶାସନାଧୀନ ୩ ରାଜ୍ୟରେ ଚାଷୀଙ୍କୁ ଧାନର ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରାଯାଇଥିବା ଦର୍ଶାଇ ସେମାନେ କଂଗ୍ରେସକୁ ଏଥର ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ କରିଥିଲେ । ଏମପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ଦେବଯାନୀ ବେହେରା ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ହାତ ଚିହ୍ନରେ ଭୋଟ ଦେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ୨୩ ନଂ. ଜୋନ ସଭାପତି ଶଶାଙ୍କ ଶେଖର କର, ୨୪ ନଂ. ଜୋନ ସଭାପତି ରାଜେଶ କୁମାର ଶତପଥୀ, ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳ ଓ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ନୂତନ ଭାବେ କଂଗ୍ରେସରେ ଯୋଗଦେଇଥିବା ବିଭିନ୍ନ ଦଳର କର୍ମୀଙ୍କୁ ଅତିଥିବୃନ୍ଦ ଫୁଲହାର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଥିଲେ।

ସଭା ପୂର୍ବରୁ ବୈଶିଙ୍ଗାରୁ ଏକ ବାଇକ ରାଲି ମାଣତ୍ରୀ ଦେଇ ଆସି ବଡ଼ସାହି ମଧ ଇଂରାଜୀ ବିଦ୍ୟାଳୟ ନିକଟରେ ପ୍ରସ୍ତୁତ ହେଲିପ୍ୟାଡ଼ରେ ପହଞ୍ଚିଥିଲେ। ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ଓ ମୁଖପାତ୍ର ଖୁସବୁ ସୁନ୍ଦର ହେଲି କପ୍ଟର ଯୋଗେ ଆସି ପହଞ୍ଚିବା ପରେ କର୍ମୀମାନେ ସେମାନଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସଭା କାର୍ଯ୍ୟକ୍ରମ ଶେଷ ବେଳକୁ କାଳବୈଶାଖୀ ହେବାରୁ ପ୍ରଚାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଏ ପରିକି ସିନେ ତାରକାଙ୍କ ସହିତ ଉଭୟ ବିଧାନସଭା ଓ ଲୋକସଭା ଆସନ ପ୍ରାର୍ଥୀ ଛେଳିଆ, ବୀରେଶ୍ୱରପୁର, ପ୍ରତାପପୁର, କାଉଚି, ଶିଆଳିଘାଟୀ, ପାଉଁଶିଆ, କେଚିଲାଖୁଣ୍ଟା, ଯୋଗୀ ନୂଆଗାଁ ଅଞ୍ଚଳରେ ରୋଡ଼ ଶୋ’ କରିଥିବା ବେଳେ ଝଡ ବର୍ଷା ହେବାରୁ ଏହାକୁ ଅଧାରୁ ବାତିଲ କରି ଦେଇଥିଲେ। ବେତନଟୀ, ବାହନାଡ଼ା, ଦୋହିକୋଟୀ, ମେର୍ଦ୍ଦା, ଅଁଳା ଓ ବୈଶିଙ୍ଗାରେ ପ୍ରଚାର କରିବା କାର୍ଯ୍ୟକ୍ରମ ସମ୍ଭବ ହୋଇ ନ ଥିଲା।

## ସଂକ୍ଷେପରେ

### ୪ ବଖରା ଜଳିଗଲା

**ଆରଡ଼ି, ୨୧।୪ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତ ଅଧୀନ ଶୀତଳପୁର ଗାଁରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ମଧୁସୂଦନ ମାଝିଙ୍କର ୪ ବଖରା ଘର ଜଳିଯାଇଛି। ଗ୍ରାମବାସୀ ଓ ଧାମନଗର ଅଗ୍ନିଶମ ବାହିନୀଙ୍କ ମିଳିତ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ ମଧୁସୂଦନଙ୍କର ଧାନ, ଚାଉଳ, ଜମିପଟ୍ଟା ସହ ଦରକାରୀ କାଗଜପତ୍ର, ଆସବାବପତ୍ର ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଆରଡ଼ି ସରପଞ୍ଚ ଅରବିନ୍ଦ ପାଢୀ ଅଗ୍ନିବିପନ୍ନଙ୍କୁ ଚାଉଳ, କିରୋସିନ, ସଉଦାପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରିଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗାଇ ଦେଇଥିବା ୫ ହଜାର ଟଙ୍କା ଆରଡ଼ି ସରପଞ୍ଚ ଅଗ୍ନିବିପନ୍ନ ପରିବାରକୁ ପ୍ରଦାନ କରିଛନ୍ତି। ସାମାଜିକ କର୍ମୀ ଆଶିଷ ପାଢୀ, ମନୋରଞ୍ଜନ ପାଢୀ ପ୍ରମୁଖ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ନିର୍ବାଚନ ଡ୍ୟୁଟିରେ ଥିବାରୁ ସୋମବାର ସକାଳେ ଶୀତଳପୁରକୁ ଯାଇ ଘରପୋଡ଼ି ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି କହିଥିଲେ। ତେବେ ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ବିଜେଡିର କର୍ମୀ ସମ୍ମିଳନୀ



**ବନ୍ତ, ୨୧।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ମା' ମଙ୍ଗଳା ପଡ଼ିଆଠାରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଗଣିଜାଙ୍ଗ ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ଲୋକ ସଭା ଆସନ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ରଥ ଦାସ, ରାଜ୍ୟ ବିଜେଡି ସମ୍ପାଦିକା ସୁଜାତା ଜେନା, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ବ୍ଲକ ଉପାଧକ୍ଷା ମଞ୍ଜୁଲତା ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିସହ ନିର୍ବାଚନରେ ଲୋକ ସଭା ଓ ବିଧାନ ସଭା ଆସନର ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେମାନେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଭୀମସେନ ସାମଲ, ସରପଞ୍ଚ ରଞ୍ଜନ କୁମାର ସାହୁ, ଆଇନଜୀବୀ ଅଣାକାର ମଲ୍ଲିକ, ରାମଚନ୍ଦ୍ର ତ୍ରିପାଠୀ, ନାରୀନେତ୍ରୀ ସ୍ୱର୍ଣ୍ଣଲତା ନାୟକ, ପୂର୍ବତନ ଯୁବ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ଓ ନାଏବ ସରପଞ୍ଚ ତୁଳସୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁଦର୍ଶନ ଜେନା, ଗଣେଶ ସାହୁ, ଦୀନବନ୍ଧୁ ଜେନାଙ୍କ ନେତୃତ୍ୱରେ କନ୍ତିଆ, ନାରାୟଣପୁର ଓ ତୁଣ୍ଡା ଆଦି ଗ୍ରାମର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଗୟାଧର ଜେନା, ଲକ୍ଷ୍ମୀଧର ଜେନା, ପ୍ରଶାନ୍ତ ପ୍ରଧାନ, ସୁବଳ ସେଠୀ, ଅଶୋକ ବେହେରା, ଗଣେଶ ଦାସଙ୍କ ସମେତ ବିଜୁ ଯୁବବାହିନୀର ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ୱାର୍ଡରୁ ଶତାଧିକ କର୍ମୀ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

**ଭଣ୍ଡାରିପୋଖରୀ, ୨୧।୪ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦୨ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପୌରୋହିତ୍ୟ କରିଥିଲେ। କପିଳେଶ୍ୱର ଦଳେଇ ମୁଖ୍ୟଅତିଥି, ରଘୁନାଥ ମହାରଣା ମୁଖ୍ୟବକ୍ତା ଏବଂ ଅଦ୍ୱୈତ ପ୍ରସାଦ ସାହୁ, ଶରତ ଚନ୍ଦ୍ର ନାୟକ, ବିଜୟ କୁମାର ମଲ୍ଲିକ, ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ଗଦାଧର ସାମଲ, ପ୍ରଭାତ କୁମାର ପଣ୍ଡା, ଶୁଭେନ୍ଦୁ ମଲ୍ଲିକ, ଇନ୍ଦ୍ରଜିତ ମଲ୍ଲିକ, ମୋନାଲିସା କର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନଙ୍କ ସହ ସୂର୍ଯ୍ୟେନ୍ଦୁ କୁମାର ଆଚାର୍ଯ୍ୟ, ଗଦାଧର ଜେନା, ଏସ୍‌କେ ଇମାମୁଲ ଓ ପ୍ରଭାତ ରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରାତନ ବିଦ୍ୟାର୍ଥୀ ହରିହର ସାହୁ, ମନୋଜ ରାଉତ, ବିଶ୍ୱନାଥ ନାୟକ, ରଶ୍ମିରଞ୍ଜନ ରାଉତରାୟ, ଶାନ୍ତିଲତା ସେଠୀ, କନକଲତା ଦାସ, ଶ୍ରୀମନ୍ତିନୀ ରାଉତ, ପ୍ରତାପ ନାୟକ, ଚିନ୍ତାମଣି ରାଉତ, ନଳିନୀକାନ୍ତ ପଟ୍ଟନାୟକ, ଖଗେଶ୍ୱର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ୭ ଭୂମିହୀନ ପରିବାର

**ବନ୍ତ, ୨୧।୪ (ସ୍ୱ.ପ୍ର.)**



ଜମିପଟ୍ଟା ପାଇଥିବା ଆଦିବାସୀମାନେ।

- ପଟ୍ଟା ମିଳିବାକୁ ୧୦ ବର୍ଷ ବିତିଲା, ହୋଇପାରୁନି ଜାଗା ଚିହ୍ନଟ
- ସୁଧୁରୁନି ଅବସ୍ଥା, ୫୦ରୁ ଊର୍ଦ୍ଧ୍ୱ ଲୋକ ହଇରାଣ

ଜମିପଟ୍ଟା ଥାଇ ମଧ୍ୟ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଘର କରିପାରୁନାହାନ୍ତି ୭ ଭୂମିହୀନ ପରିବାର। ଏଥିସହ ସେମାନଙ୍କୁ ମୌଳିକ ସୁବିଧା ମଧ୍ୟ ଯୋଗାଇ ଦିଆଯାଉ ନାହିଁ। ଫଳରେ ସେମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ବିଭିନ୍ନ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଉଲ୍ଲେଖନୀୟ ଯେ, ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ୨୦୦୮ରେ ଏହି ଭୂମିହୀନ ପରିବାରକୁ ମାଗଣାରେ ଜମିପଟ୍ଟା ଯୋଗାଇ ଦିଆଯାଇଥିଲା। ବନ୍ତ ତହସିଲ ଅଧୀନ ଆଡ଼ିଆ ପଞ୍ଚାୟତ ଓଲଡାଙ୍ଗ ଗ୍ରାମର ମାନତ୍ରୀ ମାଝି, ସଲପି ହାଁସଦା, ସୀତା ମାରାଣ୍ଡି, କୁନି ମାଝି, ସୁଦାମ ମାରାଣ୍ଡି, ରାମ ମାଝି, ଚମ୍ପା ମାଝି ପ୍ରତ୍ୟେକଙ୍କୁ ତତ୍କାଳୀନ ତହସିଲଦାର ୪ ଡିସିମିଲ ଲେଖାଏ ଘରଡିହ ପଟ୍ଟା ପ୍ରଦାନ କରିଥିଲେ। ହେଲେ ଏହାମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଜାଗା ଚିହ୍ନଟ ହୋଇପାରି ନାହିଁ। ଉକ୍ତ ଜାଗା ଦଖଲରେ ନ ଥାଇ ମଧ୍ୟ ସେବେଠାରୁ ପ୍ରତିବର୍ଷ ସେମାନେ ଏହି ଜାଗାର ଭୂମିକର ଓ ଖଜଣା ପାଉତି ରାଜସ୍ୱ ବିଭାଗକୁ ପୈଠ କରୁଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅନ୍ତର୍ଗତ ବୀଣାପାଟିଆ ଅଞ୍ଚଳରୁ ଆସିଥିବା ଏହି ୭ ପରିବାର ୨୦ ବର୍ଷ ପୂର୍ବରୁ ବନ୍ତ ତହସିଲ ଓଲଡାଙ୍ଗ ମୌଜାର ଏକ ସରକାରୀ ଜମିରେ ବସତି ସ୍ଥାପନ କରିଥିଲେ। ସମସ୍ତ ପରିବାର ଭୂମିହୀନ ହୋଇଥିବାରୁ ବାରମ୍ବାର ଆବେଦନ ପରେ ତାଙ୍କୁ ଆଡ଼ିଆ ମୌଜାରେ ଏହି ଘରଡିହ ପଟ୍ଟା ମିଳିଥିଲା। ପଟ୍ଟା ପାଇବାର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ମିଳିଥିବା ପ୍ଲଟ କେଉଁ ଜାଗାରେ ରହିଛି ତାହା ଦଖଲ କି ବେଦଖଲରେ ଅଛି ସେମାନଙ୍କୁ ଜଣା ନ ଥିବା ପ୍ରକାଶ କରିଛନ୍ତି। ବିଲ ମଝିରେ ଥିବା ସେହି ବସତିରେ ଏବେ ୯ ପରିବାରର ୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଦୁର୍ଘଟଣା ବେଳେ ଦମକଳ କିମ୍ବା ଆମ୍ବୁଲାନ୍ସ ଯିବା ତ ଦୂରର କଥା ପାଦଚଲା ରାସ୍ତାଟିଏ ମଧ୍ୟ ନାହିଁ। ପଟ୍ଟାଭୁକ୍ତ ଜାଗା ହୋଇ ନ ଥିବାରୁ ରାସ୍ତା, ବିଜୁଳି, ଘର ଓ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ଆଦି ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ଏହି ଆଦିବାସୀ ପରିବାର।

ଜମି ପଟ୍ଟା ପାଇବା ପରେ କେତେ ଯେ ତହସିଲଦାର ବଦଳି ଗଲେଣି ହେଲେ କେହି ଆମ ଗୁହାରି ଶୁଣୁନାହାନ୍ତି ବୋଲି କହିଛନ୍ତି ଗୋପୀନାଥ ମାଝି। ଭୂମିହୀନ ସଲପି ହାଁସଦା ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ବର୍ଷାଦିନେ ପାଣିଘେରରେ ରହୁଛୁ। ବସ୍ତିକୁ ରାସ୍ତା ନାହିଁ। ଆମ ପିଲାଛୁଆ ପାଠ ପଢିବାକୁ ଯାଇପାରୁ ନାହାନ୍ତି। ରୋଗରେ ପଡ଼ିଲେ ଡାକ୍ତରଖାନା ଯିବାକୁ ହେଲେ ରୋଗୀକୁ କାନ୍ଧରେ ବୋହି ମୁଖ୍ୟ ରାସ୍ତାକୁ ନେବାକୁ ପଡ଼େ ବୋଲି ଆଉଜଣେ ଭୂମିହୀନ ଶଙ୍କର ମାରାଣ୍ଡି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀଙ୍କୁ ପଚାରିବାରୁ ଅଫିସରେ ରେକର୍ଡ ଅନୁଧ୍ୟାନ ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଏ ସମ୍ପର୍କରେ ଅନୁରୂପ ପ୍ରତିକ୍ରିୟା ରଖିଛନ୍ତି।

## ମୃତକଙ୍କ ପରିବାରକୁ ବୀମା ସହାୟତା

**ଧାମନଗର, ୨୧।୪ (ଡି.ଏନ.ଏ.)**

ଧାମନଗର ବ୍ଲକ ବରଗଡ଼ା ସେବା ସମବାୟ ସମିତି ପକ୍ଷରୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅଜମତପୁର ଗ୍ରାମର ଯୁବ ବ୍ୟବସାୟୀ ରବିନାରାୟଣ ବିଶ୍ୱାଳଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ବୀମା ସହାୟତା ପ୍ରଦାନ କରାଯାଇଛି। ସମବାୟ ସମିତି କାର୍ଯ୍ୟାଳୟରେ ସମ୍ପାଦକ ଅଶୋକ ବସନ୍ତିଆଙ୍କ ଅଧ୍ୟକ୍ଷତାରେ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଧାମନଗର ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୃତ ରବିନାରାୟଣଙ୍କ ସ୍ତ୍ରୀ ପ୍ରଗତି ଲକ୍ଷ୍ମୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ବରଗଡ଼ା ସମବାୟ ସମିତି ସଭାପତି ଶଙ୍କର୍ଷଣ ଦାସ, ସରପଞ୍ଚ ପ୍ରତିନିଧି ଶ୍ରୀକାନ୍ତ ନାୟକ ଓ ସହସମ୍ପାଦକ ଧନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣପର୍ବ, କର୍ମୀ ସମ୍ମିଳନୀ

**ଧାମନଗର, ୨୧।୪ (ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପାଇଁ ଧାମନଗର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସ ଏବଂ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କ ବିଜୟ ପାଇଁ ଦଳୀୟ କର୍ମୀମାନେ ଉଦ୍ୟମ ଜାରି ରଖିଛନ୍ତି। ଭଗବାନପୁର ପଞ୍ଚାୟତରେ ପ୍ରାର୍ଥୀ ରାଜେନ୍ଦ୍ରଙ୍କ ଉପସ୍ଥିତିରେ ପ୍ରଦୀପ ପାତ୍ର, ନରୋତ୍ତମ ଦେ, ସଞ୍ଜୀବ ପଟ୍ଟନାୟକ ଓ ବିଶ୍ୱନାଥ ସାହୁ ପ୍ରମୁଖ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଭଟ୍ଟସାହି ପଞ୍ଚାୟତରେ ଭାଜପା ଓ କଂଗ୍ରେସର କେତେକ ସକ୍ରିୟ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। କଟସାହି ପଞ୍ଚାୟତରେ ୧୦ ଭାଜପା କର୍ମୀ ବିଜେଡିରେ ମିଶିଛନ୍ତି। ଖପରପଦା ପଞ୍ଚାୟତରେ କର୍ମୀ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ ନେତା ନାରାୟଣ ସାହୁ, ହରେକୃଷ୍ଣ ପାଢୀ, ନାରୀନେତ୍ରୀ ସୁରତୀ ନାୟକ, ବିନୋଦ ନାୟକ ଓ ପ୍ରତାପ ସାମଲ ପ୍ରମୁଖ ପ୍ରଚାର କରିଥିଲେ।

## କଂଗ୍ରେସରେ ମିଶିଲେ ଶତାଧିକ ବିଜେଡି, ଭାଜପା କର୍ମୀ

**ବନ୍ତ, ୨୧।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଜଳସେଚନ ଅଫିସ ଛକ ନିକଟସ୍ଥ କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ତଥା ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ମିଶ୍ରଣପର୍ବ ହୋଇଥିଲା। ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତର ପ୍ରହଲ୍ଲାଦ ସ୍ୱାଇଁ, ଗୌରାଙ୍ଗ ଜେନା, ଧୀରଞ୍ଜନ ପଣ୍ଡା, ଅଶୋକ ଖଣ୍ଡାଇ, ବିଶ୍ୱଜିତ୍ ବାରିକ, ଶିଶିର ସାହୁ, ଗଣେଶ ଦାସ, ଉତ୍ତମ ରାଉତ, କାଶୀନାଥ ଜେନା, ପ୍ରକାଶ ସାହୁଙ୍କ ସମେତ ଶତାଧିକ କର୍ମୀ ବିଜେଡି ଓ ଭାଜପା ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା ସମସ୍ତ ନୂତନ କର୍ମୀଙ୍କୁ ପିସିସି ସମ୍ପାଦକ ସ୍ୱାଇଁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ମଦ ଜବତ, ଜଣେ ଗିରଫ

**ବନ୍ତ, ୨୧।୪ (ଡି.ଏନ.ଏ.)**

ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରେ ଶନିବାର ରାତିରେ ପୋଲିସ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଚଣ୍ଡିପୁର ଗ୍ରାମର ମୀର ହବିବ୍। ମଦ କାରବାର ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ବନ୍ତ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଚଢ଼ାଉ କରିଥିଲା।

## ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କୁ ତାଲିମ

**ଭଦ୍ରକ ଅଫିସ, ୨୧।୪**




ପ୍ରଶିକ୍ଷଣ ଶିବିରରେ ବିଚାରପତିମାନେ।

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କୁ ନେଇ ରବିବାର ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଆୟୋଜିତ ଏହି ଶିବିରରେ ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶୋଭନ କୁମାର ଦାସ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ଜଜ୍ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଗୌତମ ମିଶ୍ର, ଦେୱାନୀ କନିଷ୍ଠ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୃଜନ ସାରସ୍ୱତ ଓ ସୁକନ୍ୟା ଶତପଥୀ, ସିଭିଲ୍ ଜଜ୍ ପ୍ରୋବେସନର ରଶ୍ମିନାରାୟଣ ମିଶ୍ର, ନର୍ମଦା କର ଓ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରପତିମାନେ ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ସମାଜରେ ନିଷ୍ପେଷିତ ତଥା ଦରିଦ୍ର, ବୃଦ୍ଧ, ଭିନ୍ନକ୍ଷମ, ମହିଳା, ମାନସିକ ବିକାରଗ୍ରସ୍ତ, ଶିଶୁମାନଙ୍କୁ କିଭଳି ସରକାରୀସ୍ତରରେ ଆଇନଗତ ସହାୟତା ପ୍ରଦାନ କରାଯାଇପାରିବ ସେନେଇ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସେମାନେ କିଭଳି ଏହି ଶ୍ରେଣୀର ଲୋକଙ୍କ ପାଇଁ ଆଇନ ସହାୟତା ପ୍ରଦାନ ଦିଗରେ ସେତୁ ଭଳି କାର୍ଯ୍ୟ କରିବେ ସେ ସମ୍ପର୍କରେ ବିଚାରପତିମାନେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ।

## ଜାତୀୟ ଚେତନାର ବାର୍ତ୍ତାବହ ଥିଲେ କବି ବାଞ୍ଛାନିଧି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୨୧।୪**

କବି ବାଞ୍ଛାନିଧି ମହାନ୍ତି ଥିଲେ ଜାତୀୟ ଚେତନାର ବାର୍ତ୍ତାବହ। ତାଙ୍କ କବିତାଗୁଡ଼ିକ ଜାତୀୟ ଚେତନାରେ ଉଦ୍‌ବୋଧ ହେବା ସହ ବିପ୍ଳବର ବହ୍ନିକୁ ତେଜିୟାନ କରୁଥିଲା ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୧୨୨ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଟାଉନ ହଲ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ପରିଷଦର ସଭାପତି ଡା. ଦୁର୍ଯ୍ୟୋଧନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନାଟ୍ୟକାର ଓ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ଦାସ ଯୋଗଦେଇ କବି ବାଞ୍ଛାନିଧିଙ୍କ ବିଭିନ୍ନ ରଚନା ଓ ସାହିତ୍ୟ କ୍ଷେତ୍ରରେ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଅଧିବକ୍ତା ଯତୀନ୍ଦ୍ର ମୋହନ ମହାନ୍ତି ଓ କବି ଡ. ଆଶୁତୋଷ ପରିଡା ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ସ୍ମାରକୀ ବକ୍ତା ଏବଂ ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର, ପୂର୍ଣ୍ଣଚନ୍ଦ୍ର ବହଳୀ, ସ୍ମୃତି ପରିଷଦ ସମ୍ପାଦକ ଅଶୋକ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଡ. ଆଶୁତୋଷ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିପିଆଇ(ଏମ୍‌ଏଲ୍) ପ୍ରାର୍ଥୀଙ୍କ ପ୍ରଚାର

**ତିହିଡ଼ି, ୨୧।୪ (ଡି.ଏନ.ଏ.)**

ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ତିହିଡ଼ି ବ୍ଲକ ପୀରହାଟ ଅଞ୍ଚଳରେ ସିପିଆଇ(ଏମ୍‌ଏଲ୍)ର ବିଧାୟିକା ପ୍ରାର୍ଥୀ ଜୟନ୍ତୀ ବିଶ୍ୱାଳ ପ୍ରଚାର ଜୋରଦାର କରିଛନ୍ତି। ସେ ତାଙ୍କ ସମର୍ଥକଙ୍କ ସହିତ ବିଭିନ୍ନ ଗାଁରେ ଘର ଘର ବୁଲି ପ୍ରଚାର କରିଥିଲେ। ଗଣତନ୍ତ୍ରର ସୁରକ୍ଷା ଓ ଚାନ୍ଦବାଲି ଅଞ୍ଚଳର ବିକାଶକୁ ପ୍ରସଙ୍ଗ କରି ସେ ଭୋଟଭିକ୍ଷା କରିଥିଲେ। ବାମନବିନ୍ଧା ପଞ୍ଚାୟତର ବାରବାଟିଆ, ପାଢ଼ୀସାହି, ଖେଦରପୁର, ନମେଇସାହି ଆଦି ଗ୍ରାମ ବୁଲି ସେ ଭୋଟରଙ୍କୁ ଭେଟିଥିଲେ। ତାଙ୍କ ସହିତ ଦଳର ଜିଲା ସମ୍ପାଦକ ସମର ବଳ, ସଂଗ୍ରାମ ବଳ, ପ୍ରମୋଦ ନାଥ, କିଶୋର ଜେନା, ଆନନ୍ଦ ମାଝି, ସୁମିତ୍ରାରାଣୀ ଭଞ୍ଜ, ସାବିଲତା ଦାସ, ପ୍ରତାପ ନାୟକ ଓ ଜଗନ୍ନାଥ ବେହେରା ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।

## ପିଙ୍କ୍ ବୁଥ୍ ପରିଚାଳନା କର୍ମକର୍ତ୍ତାଙ୍କୁ ନେଇ ବୈଠକ



ବୈଠକରେ ଉପସ୍ଥିତ ପିଙ୍କ୍ ବୁଥ୍‌ର ମହିଳା କର୍ମଚାରୀ।

**ଭଦ୍ରକ ଅଫିସ, ୨୧।୪**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଶନିବାର ପିଙ୍କ୍ ବୁଥ୍ ପରିଚାଳନା କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପିଙ୍କ୍ ବୁଥ୍(ସମ୍ପୂର୍ଣ୍ଣ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳନା ବୁଥ୍) ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଡକାଯାଇ କିଭଳି ନିରପେକ୍ଷ ନିର୍ବାଚନ ପରିଚାଳନା କରାଯାଇପାରିବ ସେନେଇ ଜିଲାପାଳ ଜ୍ଞାନରଞ୍ଜନ ଦାସ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏପିଡି ମନୋରମା ଭୂୟାଁ, ଉପଜିଲାପାଳ ପୀତାମ୍ବର ସାମଲ ଉପସ୍ଥିତ ରହି ନିର୍ବାଚନ ପରିଚାଳନା ସମ୍ପର୍କରେ କହିଥିଲେ। ଜିଲାରେ ୧୨ଟି ପିଙ୍କ୍ ବୁଥ୍ କାର୍ଯ୍ୟ କରିବ।

## କର୍ମୀ ସମ୍ମିଳନୀରେ ବିଜୟ ସଂକଳ୍ପ

**ଭଣ୍ଡାରିପୋଖରୀ, ୨୧।୪ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସାନଶାସନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରଥ ଦାସ, ବରିଷ୍ଠ ନେତା ସୁଧାକର ନନ୍ଦ, ପର୍ଯ୍ୟବେକ୍ଷକ ସୁଜାତା ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟା ରଶ୍ମିତା ପାଢୀ, ପ୍ରଣତିକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନରେ ଦଳକୁ ବିଜୟୀ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ। ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ କର୍ମୀମାନେ ସେହିଭଳି କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ।

■ ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର

# ପୋଷ୍ଟାଲ ଭୋଟିଂରେ ମତଦାନ କଲେ ୬୪୭ କର୍ମଚାରୀ

**ବାସୁଦେବପୁର, ୨୧।୪ (ଡି.ଏନ.ଏ.)**



ପୋଷ୍ଟାଲ ଭୋଟିଂ ପାଇଁ ଜଣେ କର୍ମଚାରୀ ଯାଉଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ୫ ଦିନ ଧରି ଚାଲିଥିବା ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ନିର୍ବାଚନ ପାଇଁ ନିୟୋଜିତ ସରକାରୀ କର୍ମଚାରୀଙ୍କ ମଧ୍ୟରୁ ୬୪୭ ଜଣ ଶନିବାର ଅପରାହ୍ନ ସୁଦ୍ଧା ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ନିର୍ବାଚନ ପରିଚାଳନା କାର୍ଯ୍ୟ କରିବାକୁ ଯିବା ପୂର୍ବରୁ ପୋଷ୍ଟାଲ ଭୋଟିଂ ମାଧ୍ୟମରେ ଜିଲାର ୫ଟି ନିର୍ବାଚନ ମଣ୍ଡଳୀର ୬୪୭ କର୍ମଚାରୀ ମତଦାନ କରିଥିଲେ। ପୋଷ୍ଟାଲ ଭୋଟିଂର ପ୍ରଥମ ଦିନରେ ୩୬, ୨ୟ ଦିନରେ ୧୩୧, ୩ୟ ଦିନରେ ୧୫୭, ୪ର୍ଥ ଦିନରେ ୧୪୦ ଏବଂ ୫ମ ଦିନରେ ୧୮୩ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଶିବିରରେ ୧୮୧୩ କର୍ମଚାରୀ ପ୍ରଶିକ୍ଷଣ ନେବାକୁ ଥିବାବେଳେ ୧୬୭୦ ଜଣ ନିର୍ବାଚନ ପରିଚାଳନା ଟ୍ରେନିଂ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ତହସିଲଦାର ପ୍ରକାଶ ରାଉଳ, ସୁପରଟ୍ରେନର ଅତିରିକ୍ତ ତହସିଲଦାର ରାଧାକାନ୍ତ ବାରିକ ଓ ଟ୍ରେନର ଭାବେ ବିଇଓ ରବୀନ୍ଦ୍ର ନାରାୟଣ ମଲ୍ଲିକ, ସିଆର୍‌ସିସି ବିକାଶ କାଠ, ଗୌତମ ବେହେରା, ଶରତ ଚନ୍ଦ୍ର ମିଶ୍ର, ମନ୍ମଥ କୁମାର ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିପିଇଓ ଅଶୋକ ଦାସ। ପୋଷ୍ଟାଲ ଭୋଟିଂ କାର୍ଯ୍ୟକ୍ରମରେ ସବ୍‌ରେଜିଷ୍ଟ୍ରାର କରୁଣାକର ଦିନ୍ଦା ପ୍ରମାଣ ପ୍ରଦାନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଚାନ୍ଦବାଲିରେ ଭାଜପାର ପ୍ରଚାର

**ଆରଡ଼ି, ୨୧।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ସମର୍ଥକମାନେ ପ୍ରଚାର ଚଳାଇଛନ୍ତି। ଏହି ଅବସରରେ ଓଳଗ ପଞ୍ଚାୟତର ୩୫ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହାପୂର୍ବରୁ ଅସନ୍ତୁଷ୍ଟ ଥିବା କେତେକ ବ୍ୟକ୍ତିଙ୍କୁ ମଧ୍ୟ ମନମୋହନ ଦଳରେ ମିଶାଇଥିଲେ। କିଶୋର ନାୟକ, ମିହିର ନାୟକ, ସୁରେନ୍ଦ୍ର ନାୟକ, ସୁବ୍ରତ ବିଳାସ, ସନ୍ଦୀପ ନାୟକ, ସୁରେଶ ମହାଳିକ, କମଳାକାନ୍ତ ମହାଳିକ, ବିଜୟ ନାୟକ, ରମାକାନ୍ତ ବାରିକ, ସୁଜିତ ନାୟକ, କାଳିଆ ନାୟକ, ସତ୍ୟବ୍ରତ ନାୟକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଭାଜପାର ପ୍ରଚାର କରିଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ମନମୋହନଙ୍କ ପାଇଁ ପ୍ରଚାର କରିବେ ବୋଲି କହିଥିଲେ। ଏହାପରେ ସେମାନେ ବାଇକ୍ ରାଲିରେ ଓଳଗ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ମନମୋହନ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

